# ଗର୍ବିତ ଓଡ଼ିଆ

ODIA WEEKLY ● GARVIT ODIA

ନବୀନଙ୍କୁ କି ବାର୍ତ୍ତା ଦେଲା ?

ମୋହନ: କେତେ ଲାଭ, କେତେ କ୍ଷତି ?

ଇତିହାସ ରଚିଲେ ଭକ୍ତ

ବିଜୟଙ୍କ ପଦିଏ କଥା, ଗଦାଏ ପ୍ରଶ୍ନ

୪ ରାଜ୍ୟରେ ବିଧାନସଭା ନିର୍ବାଚନ

କାହାର କାଂଶୀରାମ ?

ଭଲ ଲାଗିଲେ ଟଙ୍କାଟିଏ ଦିଅନ୍ତୁ

PRGI Registration No. ORORI/25/A3457 | garvitodia@gmail.com | https://epaper.garvitodia.in

VOL-1 ISSUE-17 16 MARCH - 22 MARCH 2026 KHORDHA Price-Rs 10/-

ଭାଗ-୧ ସଂଖ୍ୟା-୧୭ ୧୬ ମାର୍ଚ୍ଚ - ୨୨ ମାର୍ଚ୍ଚ ୨୦୨୬ ଖୋର୍ଦ୍ଧା ମୂଲ୍ୟ-୧୦ ଟଙ୍କା ମାତ୍ର





# ଗୁମୁରି କାନ୍ଦୁଛି ଓଡ଼ିଆ ଭାଷା

ଓଡ଼ିଶାର ଗୌରବମୟ ଭାଷା ସଂସ୍କୃତି, ଗଦ୍ୟ, ସାହିତ୍ୟ ଓ ଆଧ୍ୟାତ୍ମିକ ଚେତନା ବିଶ୍ୱବିଦିତ । ବୈଦିକ ଯୁଗରୁ ଓଡ଼ିଆ ଭାଷା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଅଛି । ପରାକ୍ରମୀ ଐରଖାରବେଳ ଓ କପିଳେନ୍ଦ୍ରଦେବଙ୍କ ସମୟରୁ ଓଡ଼ିଶା ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଭୂଖଣ୍ଡର ଅଧିକାରୀ ଥିଲା । ତା'ର ଭାଷା ଓ ସଂସ୍କୃତିର ସ୍ୱାକ୍ଷର ଏବେ ବି ଅନେକ ସୀମାନ୍ତ ଅଞ୍ଚଳଗୁଡିକରେ ଦେଖିବାକୁ ମିଳେ । ସ୍ୱତନ୍ତ୍ର ପ୍ରଦେଶ ଗଠନ ସମୟରେ ଓଡ଼ିଶାର ଅନେକ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଅଲଗା ହୋଇଗଲା ସତ କିନ୍ତୁ ସେ ସବୁ ଅଞ୍ଚଳରେ ଏବେ ବି ବଞ୍ଚିଛି ଓଡ଼ିଆ ଭାଷା । କାହିଁ କେଉଁ କାଳରୁ ନିଜ ମାତୃଭାଷା ଠାରୁ ବିଚ୍ଛିନ୍ନ ହୋଇଯାଇଥିଲେ ବି କଥିତ ରୂପରେ ଏବେ ବି ଓଡ଼ିଆ ଭାଷାର ପ୍ରଚଳନ ଜାରି ରହିଛି ଏଠାରେ। ଏବେ ବି ଓଡ଼ିଆ ଭାଷା ସେଠାରେ ଗୁମୁରି ଗୁମୁରି କାନ୍ଦୁଛି। ଲୋକମାନେ ନିଜ ମାତୃଭାଷାର ମମତାକୁ ପାଶୋରି ପାରୁନାହାନ୍ତି କିନ୍ତୁ ଜୀବନ ଜୀବିକା ପାଇଁ ପ୍ରଚଳିତ ଭାଷାକୁ ଗ୍ରହଣ କରିବା ଛଡା ଅନ୍ୟ ଗତି ନଥିବାରୁ ନିଜକୁ ବୁଝାଇ ଦେଉଛନ୍ତି। ପିଢ଼ି ପରେ ପିଢ଼ି କେବଳ ଯାହା ବୋଲି ବା କଥାବାର୍ତ୍ତା ରୂପରେ ଓଡ଼ିଆ ଭାଷା ବଂଚି ରହିଛି ସେଠାରେ। ଝାଡଖଣ୍ଡ, ଚକ୍ରଧରପୁର, ଜାମସେଦପୁର, ଷଢ଼େଇକଳା, ଖରସୁଁଆ, ସୋଣୁଁଆ, ପଶ୍ଚିମବଙ୍ଗର ଗୋପିବଲ୍ଲଭପୁର, ଖଡଗପୁର ଓ ଛତିଶଗଡ଼ର ବିଳାସପୁର, ବସ୍ତର, ଜଗଦଲପୁର ଏବଂ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍, ଇଚ୍ଛାପୁରମ୍, ପଲାସା, ଟିକିଲି ଆଦି ଅଞ୍ଚଳରେ କ୍ୱଚିତ ଲୋକ ଅଛନ୍ତି ଯେଉଁମାନେ ଓଡ଼ିଆ ଅକ୍ଷର ଚିହ୍ନିବାରେ ଅକ୍ଷମ କିନ୍ତୁ କଥାବାର୍ତ୍ତା ହେବାରେ ସକ୍ଷମ। ସେଠାରେ ଓଡ଼ିଆ ଭାଷାର ବହୁଳ ବ୍ୟବହାର ହେଉଅଛି। ଉତ୍କଳ ସମ୍ମିଳନୀ ବିଚ୍ଛିନ୍ନାଞ୍ଚଳଗୁଡିକରେ ଓଡ଼ିଆ ଭାଷାର ପ୍ରଚାର ପ୍ରସାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଅଛି । ସାଂପ୍ରତିକ ପରିସ୍ଥିତିରେ ଏହି ଅନୁଷ୍ଠାନ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ତ୍ୱରିତ ପଦକ୍ଷେପନେଲେ ସୁଫଳ ମିଳିପାରନ୍ତା। ଏଭଳି ସୀମାନ୍ତ ଅଞ୍ଚଳଗୁଡିକରେ କୌଣସି ସ୍ଥାନମାନଙ୍କରେ ଭାଗବତ ପାଠ ନିମନ୍ତେ ବ୍ୟବସ୍ଥା କରାଯାଇପାରିଲେ ମଧ୍ୟ ସ୍ଥାନୀୟ ଅଞ୍ଚଳର ଓଡ଼ିଆ ଲୋକମାନେ ଉପକୃତ ହୋଇପାରନ୍ତେ ।

ତେବେ ଏହି ବିଚ୍ଛିନ୍ନାଞ୍ଚଳଗୁଡିକରେ ଓଡ଼ିଆ ଭାଷା ସୁରକ୍ଷା ପାଇଁ କେତେକ ସଙ୍ଗଠନ ନିଜ ଉଦ୍ୟମ ଜାରି ରଖିଛନ୍ତି ।୨୦୦୪ରୁ ଭଦ୍ରକର ଉତ୍କଳ ସାଂସ୍କୃତିକ ଶିବିର ଅନୁଷ୍ଠାନ ଜରିଆରେ ଏହି ଅଞ୍ଚଳଗୁଡିକରେ ପ୍ରତିବର୍ଷ ପ୍ରାୟ ୫ରୁ ୭ ହଜାର ପର୍ଯ୍ୟନ୍ତ ଓଡ଼ିଆ ବର୍ଣ୍ଣବୋଧ, ଓଷା, ମେଳା ତଥା ପୁରାଣ ଆଦି ପୁସ୍ତକ ବଣ୍ଟନ କରାଯାଉଛି । ଏହାସହିତ ଓଡ଼ିଆ ଲିପି ଶିକ୍ଷା ଓ ଭାଷା ଶିକ୍ଷା ବି ଦିଆଯାଉଛି । ତେବେ ଏହା କେବଳ ବେସରକାରୀ ସ୍ତରରେ ରହିଛି ।

ଆଜିକାଲି ସାମାଜିକ ଗଣମାଧ୍ୟମ ଜୀବନର ମୁଖ୍ୟଧାରାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଛି । ଏହି ମାଧ୍ୟମର ବ୍ୟବହାର କରାଯାଇ ମାଗଣାରେ ସୀମାନ୍ତବର୍ତ୍ତୀ ଗାଁରେ ବସବାସ କରୁଥିବା ଓଡ଼ିଆି ଲାମାନଙ୍କୁ ଆପ୍ ଯୋଗେ ଓଡ଼ିଆ ବର୍ଣ୍ଣ ବା ଲିପି ଶିଖାଇ, କୌଣସି ଏକ ଛୁଟି ଦିନ ଦେଖି ପିଲାମାନଙ୍କୁ ଜହ୍ନମାମୁଁ ଭଳି ଗ ବହିରୁ କିଛି କିଛି ଗପ ପଢ଼ାଇ ବା ଶୁଣାଇ ଭାଷାର ନିକଟବର୍ତ୍ତୀ କରିବାକୁ ଚେଷ୍ଟା ମଧ୍ୟ କରିହୁଅନ୍ତା । କମ୍ୟୁନିଟି ରେଡିଓ ଜରିଆରେ ଓଡିଆ ଭାଷାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରିହୁଅନ୍ତା, ଯଦି ସେଠାରେ ଓଡ଼ିଆ ଶିକ୍ଷକ ନିଯୁକ୍ତି ବା ଓଡ଼ିଆ ଭାଷାକୁ ଦ୍ୱିତୀୟ ଭାଷାର ମାନ୍ୟତା ଦେବା ନିମନ୍ତେ ସରକାରୀ ସ୍ତରରେ କିଛି ବ୍ୟବସ୍ଥା କରାଯାଆନ୍ତା ତେବେ ଏସବୁ କରିବା ପାଇଁ ସରକାରୀ ସହଯୋଗ ସହିତ ଯୋଜନାବଦ୍ଧ କାର୍ଯ୍ୟଖସଡା ଲୋଡା । ତେବେ ସେଠାରେ ବସବାସ କରୁଥିବା ଓଡ଼ିଆମାନଙ୍କ ପାଇଁ ଅତି ଲାଭଦାୟକ ହୋଇପାରନ୍ତା ।

# 'ଘୋଡ଼ା' ନୁହଁନ୍ତି, ସେମାନେ 'ଘୁଷୁରୀ': ଗୌତମବୁଦ୍ଧ

ଘୋଡ଼ାବେପାରକୁ ନେଇ କଠୋର ସମାଲୋଚନା କରିଛନ୍ତି ସାମ୍ବାଦିକତାରୁ ରାଜନେତା ପାଲଟିଥିବା ଗୌତମବୁଦ୍ଧ ଦାସ। ସେ ତାଙ୍କ ଫେସବୁକ୍ ପୋଷ୍ଟରେ, ମଜାଳିଆ ଢଙ୍ଗରେ ସେମାନେ ଘୋଡ଼ା ନୁହଁନ୍ତି, ଘୁଷୁରୀ ବୋଲି କହିଛନ୍ତି ।

ସେ ଉଲ୍ଲେଖ କରିଛନ୍ତି, ଆଜି ମୋର ଜଣେ ଅଣରାଜନୈତିକ ବୁଦ୍ଧିଜୀବୀ ବନ୍ଧୁଙ୍କ ସହ ହଠାତ୍ ଦେଖା ହୋଇଗଲା। କିଛିଦିନ ହେଲା ଚର୍ଚ୍ଚାରେ ଥିବା ରାଜ୍ୟସଭା ନିର୍ବାଚନ ପ୍ରସଙ୍ଗ ଉଠାଇ ସେ ମୋତେ ପଚାରିଲେ : ଆଚ୍ଛା କୋଟି କୋଟି ଟଙ୍କା ନେଇ କ୍ରସ୍ ଭୋଟିଂ କରିଥିବା ବିଧାୟକମାନଙ୍କୁ ଘୋଡ଼ା କାହିଁକି କୁହାଯାଇଛି? ଘୋଡ଼ା ତ ପଶୁ ଜଗତର ଏକ କର୍ମଠ, ସାହସୀ ଓ ବିଶ୍ୱସ୍ତ ପଶୁ । ତା\'ଛଡା ଇତିହାସରେ ଅନେକ ଘୋଡ଼ାଙ୍କ ବୀରତ୍ୱପୂର୍ଣ୍ଣ କାହାଣୀ ରହିଛି । ଏଭଳି ଏକ ସମ୍ମାନାସ୍ପଦ ପଶୁ ସହିତ ଦୁର୍ନୀତିଗ୍ରସ୍ତ ଓ କଳଙ୍କିତ ବିଧାୟକମାନଙ୍କ ତୁଳନା କରିବା ଠିକ୍ ନୁହେଁ । ଏହା ଘୋଡ଼ା ଜାତି ପ୍ରତି ଅପମାନ ନୁହେଁ କି?

ବନ୍ଧୁଙ୍କ ତଥ୍ୟ ଓ ଯୁକ୍ତି କାଟିବା ପାଇଁ ମୋ ପାଖରେ କୌଣସି ପ୍ରତିଯୁକ୍ତି ନଥିଲା। ମୁଁ ନିରୁପାୟ ହୋଇ କହିଲି: ଏ ଘୋଡ଼ା ବେପାର ଶବ୍ଦଟି ବହୁ ପ୍ରଚଳିତ ଇଂରାଜୀ ଶବ୍ଦ 'ହର୍ଷଟ୍ରେଡ଼ିଂ'ରୁ ଆସିଛି ବୋଧହୁଏ । ସେଇଥିପାଇଁ ଆମେ ବି ଏହାକୁ ବିନା ବିଚାରରେ ଗ୍ରହଣ କରିନେଇଛୁ । ତାହେଲେ ମୋଟା ଅଙ୍କର ଅର୍ଥ ନେଇ କ୍ରସ୍ ଭୋଟିଂ ଭଳି ଅନୈତିକ କାର୍ଯ୍ୟ କରୁଥିବା ବିଧାୟକଙ୍କୁ କ\'ଣ ଘୋଡ଼ା ବଦଳରେ ଗଧ କହିବା ଠିକ୍ ହେବ କି?

ବନ୍ଧୁ ଜଣକ ହସିହସି କହିଲେ, ଗଧ କ'ଣ କାହା ପ୍ରଲୋଭନରେ ପଡ଼ି କାହାକୁ ଧୋକା ଦିଏ? ଗଧ ତ ଗଧ । ତା'ର ଏତେ ବୁଦ୍ଧି ଆସିଲା କୁଆଡୁ?

ମୋ ମୁଣ୍ଡକୁ ହଠାତ୍ ମାଙ୍କଡ଼ ନାଁଟି ପଶି ଆସିଲା । ମୁଁ କହିଲି, ତା'ହେଲେ ମାଙ୍କଡ଼ ଫାଇନାଲ । ମାଙ୍କଡ଼ ଯେମିତି ଖାଦ୍ୟ ଲୋଭରେ ଏ ଡାଳ ସେ ଡାଳ ଡିଆଁଡେଇଁ କରେ, ଅର୍ଥଲୋଭୀ ସ୍ୱାର୍ଥପର ବିଧାୟକମାନେ ମାଙ୍କଡ଼ ସହ ତୁଳନୀୟ । ତେଣୁ ଆସନ୍ତୁ ଆଜିଠୁ ହର୍ଷ ଟ୍ରେଡ଼ିଂ ନକହି ମଙ୍କି ଟ୍ରେଡ଼ିଂ କରିଦେବା ।

ବନ୍ଧୁ ଜଣକ ମୁରୁକି ହସି କହିଲେ: ଆପଣ ମାଙ୍କଡ଼କୁ ଏଭଳି ଅପଖ୍ୟାତି ଦେଲେ ପରିଣାମ କ\'ଣ ହେବ ଜାଣନ୍ତି ତ?

ମୁଁ ଟିକେ ଉୟଭୀତ ଓ ବିରକ୍ତ ହୋଇ କହିଲି, ତାହେଲେ ଏଭଳି ମୁଣ୍ଡବିକାମାନଙ୍କୁ କେଉଁ ପଶୁ ସହ ତୁଳନା କରିବା କହୁ ନାହାନ୍ତି?

ସେ ମୋ କାନ ପାଖକୁ ମୁହଁ ଲଗାଇ କହିଲେ: "ଘୁଷୁରୀ"

କିନ୍ତୁ କାହିଁକି କହିଲି ପଚାରିବେ ନାହିଁ ।

ବି.ଦ୍ର: 'ଗର୍ବିତ ଓଡ଼ିଆ' ସଂକ୍ରାନ୍ତୀୟ ସମସ୍ତ ଆପତ୍ତି ଅଭିଯୋଗର ଶୁଣାଣୀ ଭୁବନେଶ୍ୱର କୋର୍ଟରେ କରାଯିବ ।




## ବାବା ଅବ୍ଜର୍ଭାନନ୍ଦ

ପିତୃ ଅପମାନ ପ୍ରତିଶୋଧ ପାଇଁ
ସୌଭିକ ଆଉ ଦେବୀ,
ଛାମୁଙ୍କୁ ମାରିଲେ ପଛ ପଟୁ ଛୁରା
ବେଳ କାଳ ଭାବି ଭାବି ।


ଅରବିନ୍ଦ ଆଉ ସନା ଭାଇଙ୍କର
ଜଣା ଥିଲା ମତି ଗତି,
ଜଳଖିଆ ଖାଇ ସୁବାସିନୀ ଅପା
ସାଜିଲେ ସ୍ୱାମୀଙ୍କ ସାଥୀ ।

ନବ, ଚକ୍ରମଣି ଆଉ ରମାକାନ୍ତ
ପ୍ରକୃତ ବିଜେଡି ଘୋଡ଼ା,
ଭବିଷ୍ୟତ ପାଇଁ ସଂଗ୍ରହ କରିଲେ
ଗାନ୍ଧୀ ମୁଣ୍ଡ ବିଡ଼ା ବିଡ଼ା ।

ସେପଟେ ସୋଫିଆ ଭକ୍ତ ଦାସଙ୍କର
ଦେଲେ ଯେ ଗଳାକୁ କାଟି,
ଗଞ୍ଜାମ ବାଘ ବି ସୁଯୋଗ ଉଣ୍ଡିକି
କାମୁଡ଼େଇ ଦେଲେ ମାଟି ।

ଦାଢ଼ି କି ବଢ଼େଇ ଦାଶରଥୀ ଆମ
କରୁଥିଲେ କେତେ ପୂଜା,
ପାହାଡ ଉପରେ ଟଙ୍କାକୁ ଗଦେଇ
ଦେଖୁଥିଲେ ଖାଲି ମଜା ।

ଏମନ୍ତ ହୋଇଲା ଘୋଡ଼ା ଦେଣନେଣ
ରାଜ୍ୟସଭା ନିର୍ବାଚନେ,
ନେତାଙ୍କ ଚରିତ୍ର ବୁଝିବ କେବେ ହେ
ଜ୍ଞାନୀ ଗୁଣୀ ସୁଧିଜନେ ?



ରାଜନୀତିର ଲମ୍ବା ରାସ୍ତାରେ କେବେ କ୍ଷମତା ଓ ସଂଗଠନର ଗାଡ଼ି ସାଏଁସାଏଁ ଗଡ଼ିଯାଏ ତ କେବେ ପାହାଡ଼ି ରାସ୍ତା ଭଳି ଜଟିଳ ବୁଲାଣି ରାସ୍ତାରେ ଯିବାକୁ ପଡ଼େ । ବୁଝିବିଚାରି ଷ୍ଟିଅରିଂ ମୋଡ଼ିବାକୁ ପଡ଼େ । ଛୋଟମୋଟ ଭୁଲ୍ ବି ଦଳୀୟ ଗାଡ଼ିକୁ ଖାଇରେ ଓଲଟାଇ ଦିଏ । ଦିନେ ବିଜେଡ଼ି ଓ ନବୀନ ବାବୁ ଶାସନରେ ଥିଲେ । ସେତେବେଳେ ରାସ୍ତା ସିଧା ଥିବାରୁ ସଂଗଠନ ଗାଡ଼ି ଆରାମରେ ଗଡ଼ିଥିଲା । କିନ୍ତୁ ବିରୋଧୀରେ ଥିବାରୁ ରାସ୍ତା ଭାରି ବେଢଙ୍ଗିଆ । ତେଣୁ ଗାଡ଼ି ଧଡ଼ଧଡ଼ ହୋଇ ଗଡ଼ିବା ନିଶ୍ଚିତ । **ନବୀନ ଠିକରେ ଷ୍ଟିଅରିଂ ନଧରିଲେ କିଛି ବି ଘଟିପାରେ...**

## ନବୀନଙ୍କୁ କି ବାର୍ତ୍ତା ଦେଲା...

# କ୍ରେଜ୍ ଗଲା, ଡର ପଳାଇଲା



ବିଜେଡ଼ି ମଜବୁତ୍ ହେବାର ଦୁଇଟି କାରଣ ହେଉଛି, ନବୀନଙ୍କ କ୍ରେଜ୍ ଓ ନବୀନଙ୍କ ପ୍ରତି ଡର । ହେଲେ ଚବିଶ ପରେ ଦୁଇଟି ପରୀକ୍ଷା ଏହାକୁ ଗଡ଼ବଡ଼ କରିଦେଇଛି । ସେଇ ଦୁଇ ପରୀକ୍ଷା ହେଉଛି; ନୂଆପଡ଼ା ଉପନିର୍ବାଚନ ଓ ରାଜ୍ୟସଭା ନିର୍ବାଚନ ।

ନୂଆପଡ଼ା ଉପନିର୍ବାଚନ ସମୟରେ ସମ୍ଭାବ୍ୟ ପ୍ରାର୍ଥୀ ଖସିଯିବା ପରେ, ବିଜେପିର ପଲା ଭାରି ହୋଇଯାଇଥିଲା । ବିଜେଡ଼ି ହାରିବାର ସମ୍ଭାବନା ବି ବଢ଼ି ଯାଇଥିଲା । ଏମିତିକି ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ଥିବାରୁ ବିଜୟର ଆଶା କମ୍ ରହିବା ସ୍ୱାଭାବିକ । ହେଲେ ବିଜେଡ଼ିର ସମ୍ମାନ ପାଇଁ ନବୀନ ଅସୁସ୍ଥତା ସତ୍ତ୍ୱେ ପ୍ରଚାରକୁ ଯାଇଥିଲେ । କାହିଁକିନା ନବୀନଙ୍କ କ୍ରେଜ୍ ହେଉଛି ବିଜେଡ଼ିର ଶକ୍ତି । ପୂର୍ବ ଉପନିର୍ବାଚନ ଭଳି ବିଜେଡ଼ି ଆକ୍ରମଣାତ୍ମକ ଢଙ୍ଗରେ ପ୍ରଚାର, ରଣନୀତି ଆଦି କରିଥିଲା । କିନ୍ତୁ ଦଳ ନିର୍ବାଚନରେ ତିନି ନମ୍ବର ସ୍ଥାନରେ ରହିଲା । ଯାହାକି ନବୀନଙ୍କ କ୍ରେଜ୍ ଉପରେ ଏକ ଶକ୍ତ ପ୍ରହାର ଥିଲା ।

ଏବେ ରାଜ୍ୟସଭା ନିର୍ବାଚନ ହେଲା । ନବୀନ ନିଜେ ହିଁ ଦଳର ମଙ୍ଗ ଧରିଲେ । ନବୀନ ନିବାସରେ ତୁହାକୁ ତୁହା ବୈଠକ ବସିଲା । ଲୁଙ୍ଗି ପିନ୍ଧି ବିଧାୟକମାନେ ରାତିରେ ନବୀନ ନିବାସରେ ରହିଲେ । ଦି ଚାରିଟା ବିଧାୟକ କ୍ରସ ଭୋଟିଂ କରିବାର ଆଶଙ୍କା ଥିଲା । କିନ୍ତୁ ଭୋଟ୍ ଫଳାଫଳ ବିଜେଡ଼ିକୁ ଚକିତ କରିଦେଲା । ପୂର୍ବରୁ ୨ ନିଲମ୍ବିତ ବିଧାୟକଙ୍କ ସହ ଆଉ ୬ ବିଧାୟକ ବି କ୍ରସଭୋଟିଂ କରି ନବୀନଙ୍କୁ ଝଟକା ଦେଲେ । ଅତଏବ ନବୀନଙ୍କ ପ୍ରତି ବିଧାୟକମାନଙ୍କର ଥିବା ଡର ସବୁ ଉଭେଇଗଲା । ଅବଶ୍ୟ କ୍ରେଜ୍ ପାଇଁ ଭୋଟ୍, ଭୋଟ୍ ପାଇଁ ପାୱାର, ପାୱାର ପାଇଁ ଡର ଥିଲା । ଏବେ କ୍ରେଜ୍ ନଥିବାରୁ ଡର ବି ପଳାଇଲା ।

ଗର୍ବିତ ଓଡ଼ିଆ ODIA WEEKLY GARVIT ODIA

ଗର୍ବିତ ଓଡ଼ିଆ

# ଏମିତି କାହିଁକି ହେଲା ?

## ପାଣ୍ଡିଆନ୍ ପ୍ରେମ



ଚବିଶ ନିର୍ବାଚନରେ ହାରିଯିବା ପରେ ଦଳର ଅନେକ ନେତା ଭିକେ ପାଣ୍ଡିଆନଙ୍କୁ ଟାର୍ଗେଟ୍ କଲେ। ନିର୍ବାଚନ ହାରିବାରେ ପାଣ୍ଡିଆନ୍ ଏକ ଫ୍ୟାକ୍ଟର ଥିଲେ। ଏହା ବିଜେଡ଼ିର ସବୁ ନେତା ଓ କର୍ମୀ ସ୍ୱୀକାର କରୁଛନ୍ତି। ହେଲେ ନବୀନ ବାବୁ ସେତେବେଳେ ଏହାକୁ ହାଲକାରେ ନେଇଗଲେ। ପାଣ୍ଡିଆନଙ୍କ ସୁରକ୍ଷା ପାଇଁ ନବୀନ ନିଜେ ଆଗେଇ ଆସିଲେ। ଯାହାକି ଏକ ଭୁଲ୍ ବାର୍ତ୍ତା ଦେଲା। ନବୀନଙ୍କ ପାଣ୍ଡିଆନ୍ ପ୍ରୀତି ପ୍ରବଳ ବୋଲି ନେତା ଓ କର୍ମୀଙ୍କ ପାଖକୁ ବାର୍ତ୍ତା ଗଲା। ଅନେକ ନେତାଙ୍କ ମନରେ ଧାରଣା ରହିଲା, ପାଣ୍ଡିଆନ୍ ହିଁ ଦଳର ପ୍ରକୃତ ଉତ୍ତରାଧିକାରୀ । ଚବିଶ ନିର୍ବାଚନ ପରେ ପ୍ରାୟ ବର୍ଷେ କାଳ ଏମିତି ଧାରଣା ନେତାଙ୍କ ମନରେ ମଜବୁତ୍ ରହିଥିଲା । ଦଳରେ ଅସନ୍ତୋଷ ବି କୁହୁଳିଥିଲା। ତେବେ ବୋଧହୁଏ ପାଣ୍ଡିଆନ୍ ନିଜେ ଏକଥା ଠଉରାଇ ପାରି, ନବୀନଙ୍କ ଠାରୁ ଦୂରେଇ ଯାଇଛନ୍ତି ବୋଲି ବାର୍ତ୍ତା ଦେଲେ। କିନ୍ତୁ ରାଜନୀତିରେ କେହି ବୋକା ନୁହଁନ୍ତି । ନବୀନଙ୍କ ଅନେକ ନିଷ୍ପତ୍ତି ପାଣ୍ଡିଆନଙ୍କ ମାନସପ୍ରସୂତ ବୋଲି ଧାରଣାଟିଏ ବିଜେଡ଼ି ନେତାଙ୍କ ମନରେ ଜମାଟ ବାନ୍ଧିଥିଲା ।

ଉଦାହରଣ ସ୍ୱରୂପ; ଆମେ ରାଜନୈତିକ ବ୍ୟାପାର କମିଟିକୁ ନେଇପାରିବା । ଏହି କମିଟିରେ ପ୍ରସନ୍ନ ଆଚାର୍ଯ୍ୟ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅରୁଣ ସାହୁଙ୍କ ଭଳି ନେତାଙ୍କୁ ରଖାଗଲା ନାହିଁ । ବରଂ ସେମାନଙ୍କ ଠାରୁ ଅନଭିଜ୍ଞ ଜୁନିୟର ନେତାମାନେ ପିଏସିରେ ରହିଲେ । ସେହି କମିଟିକୁ ଦେଖିଲେ ମନେହେଉଥିଲା ପାଣ୍ଡିଆନ୍ ବିରୋଧୀ ନେତାଙ୍କୁ ଦଳର ପାୱାରଫୁଲ କୋଟରୀରେ ଆଉ ସ୍ଥାନ ମିଳିବ ନାହିଁ । ସ୍ୱାଭାବିକ ଭାବେ କିଛି କ୍ଷୁବ୍ଧ ନେତା ନିଜ ନିଜ ବାଟରେ ଗୋଟି ଚଳାଇଲେ । ପାଣ୍ଡିଆନଙ୍କ ବୋଲରେ ଦଳ ଚାଲିଲେ ବିଜେଡ଼ି ଦୁର୍ବଳ ହୋଇଯିବ ବୋଲି ଧାରଣା ବି ମଜବୁତ୍ ହେବାରେ ଲାଗିଲା । ଦଳର ଯୁବ ଓ ଛାତ୍ର ସଭାପତି ଚୟନ ବେଳେ ନବୀନ ନିବାସରୁ ମନଇଚ୍ଛା ନିଷ୍ପତ୍ତି ନିଆଗଲା । ଯୁବ ସଭାପତି ଚିନ୍ମୟ ସାହୁ କିମ୍ବା ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁ ଖରାପ ଚୟସ ନୁହଁନ୍ତି, କିନ୍ତୁ ଯେଉଁ ଢଙ୍ଗରେ କରାଗଲା ତାହା ଅନେକ ଯୁବ, ଛାତ୍ର ଓ ବରିଷ୍ଠ ନେତାଙ୍କୁ ଅସନ୍ତୁଷ୍ଟ କରିଦେଲା । ପାଣ୍ଡିଆନଙ୍କର ଭୂମିକା ଥାଉକି ନଥାଉ, ସମସ୍ତେ କିନ୍ତୁ ତାଙ୍କୁ ହିଁ ଦାୟୀ କରିଥିଲେ । ଅବଶ୍ୟ ଏବେ ପାଣ୍ଡିଆନ୍ ଆଗଭଳି ଦଳର ସବୁ ବ୍ୟାପାରରେ ମୁଣ୍ଡ ଖେଳାଉନାହାନ୍ତି । ତଥାପିବି ସଂତୃପ୍ତ ମିଶ୍ର ଓ ଆଦିତ୍ୟ ମହାପାତ୍ରଙ୍କ ଜରିଆରେ ପାଣ୍ଡିଆନ୍ ପ୍ରଚ୍ଛଦପଟରେ ଗୋଟି ଚଳାଉଥିବା କଥା ବିଜେଡ଼ିର ଅଧିକାଂଶ ନେତା ସ୍ୱୀକାର କରିବାରେ କୁଣ୍ଠାବୋଧ କରନ୍ତିନାହିଁ ।


## ନେତୃତ୍ୱ ପ୍ରବଳ, ବିଶ୍ୱାସ ଦୁର୍ବଳ



ବିଜେଡ଼ିରେ ଏବେ ମାଳମାଳ ନେତା ଅଛନ୍ତି । ଅନେକ ଚାରି ପାଞ୍ଚ ଥର ବିଧାୟକ ହେବାର ବି ସୌଭାଗ୍ୟ ପାଇଛନ୍ତି । ଗଲା ନିର୍ବାଚନରେ ହାରିବା ପରେ ମନସ୍ତାପରେ ଅଛନ୍ତି । ସେହିପରି ବହୁ ବରିଷ୍ଠ ନେତା ବିଧାନସଭାରେ ଏବେ ଦଳର ମଙ୍ଗ ଧରୁଛନ୍ତି। ବିଜେପିକୁ ଶାଣିତ ଆକ୍ରମଣ କରୁଛନ୍ତି । କିନ୍ତୁ ନବୀନ କାହାକୁ ଫ୍ରି ହ୍ୟାଣ୍ଡ ଦେଉନାହାନ୍ତି । ନେତାମାନଙ୍କୁ ସଂଗଠନର ରଣନୀତି ପ୍ରସ୍ତୁତି ଦାୟିତ୍ୱ ଦେଉନାହାନ୍ତି । କେବଳ ନେତାଙ୍କୁ ନବୀନ ଦାୟିତ୍ୱ ଦେଇଛନ୍ତି ବୋଲି ଶୁଖିଲା ପ୍ରଚାର ହିଁ କରାଯାଉଛି । ହେଲେ ପୂର୍ବରୁ ଯେମିତି ନବୀନ ବାବୁ କ୍ୟାବିନେଟର ଅଳ୍ପ ସମୟ ପୂର୍ବରୁ କାଗଜ ଧରାଇ ଦେଉଥିଲେ ଏବେବି ଦଳ ସେମିତି ହ୍ୟାଣ୍ଡଆଉଟ୍‌ରେ ଚାଲିଛି । ମାନେ ନବୀନଙ୍କ ନିଷ୍ପତ୍ତି ସଂକ୍ରାନ୍ତରେ ଦୁଇ ଚାରିଜଣଙ୍କୁ ଜଣାଇ ଦିଆଯାଉଛି । ସେମାନେ କେବଳ କମିଟି ବା ଟିମର ପ୍ରସ୍ତାବ ଆଳରେ ଏହାକୁ ବୈଠକରେ ଉପସ୍ଥାପିତ କରୁଛନ୍ତି । ବାସ୍, ଚା' ପିଇ, କାଜୁ ଖାଇ ହଁରେ ହଁ ମିଳାଇ ସମସ୍ତେ ମିଟିଂ ସାରି ଦେଉଛନ୍ତି । ହେଲେ ଏମିତି ଛଦ୍ମ ରାଜନୀତି କେତେଦିନ ଚାଲିବ ? କର୍ମୀ ଓ ନେତାଙ୍କ ମନରେ ବିଶ୍ୱାସ ଫେରାଇ ନଆଣିବା ପର୍ଯ୍ୟନ୍ତ ବିଜେଡ଼ି ଏମିତି ହିଁ ଦହଗଞ୍ଜ ହେବା ଥୟ ।

## ଶାସକ ଓ ବିରୋଧୀ ଭିତରେ ଫରକ ବୁଝୁନାହାନ୍ତି କି ନବୀନ ?

ନବୀନ ବାବୁ ସବୁବେଳେ କ୍ଷମତାରେ ରହିଲେ। କେବେ ବିରୋଧୀ ଭୂମିକାରେ ନଥିବାରୁ ବୋଧହୁଏ ଅଭିଜ୍ଞତା କମ୍ ରହିଛି। ଦଳ ଗଠନ ପରେ ଯେଉଁ ଦିବର୍ଷ ସେ ବିରୋଧୀ ଭୂମିକାରେ ଥିଲେ ସେତେବେଳେ ରଣନୀତିରେ ତାଙ୍କର ବେଶୀ କିଛି ନେଣଦେଣ ନଥିଲା। ଜନତା ଦଳରୁ ଆସିଥିବା ବରିଷ୍ଠ ନେତାମାନେ ସେହି ରଣନୀତି କରୁଥିଲେ । ତେବେ ଜିତିଯିବା ପରେ ନବୀନ ମୁଖ୍ୟମନ୍ତ୍ରୀ ହେଲେ। ବିଜେଡ଼ିର ସଭାପତି ବି ରହିଲେ। ସେପଟେ ଲାଲକୃଷ୍ଣ ଆଡ଼ଭାନୀ ଓ ଅଟଳ ବିହାରୀ ବାଜପେୟୀ ମଧ୍ୟ ଫ୍ରିହ୍ୟାଣ୍ଡ ଦେଇଦେଲେ। ବିଜେପିର ଅସନ୍ତୁଷ୍ଟ ନେତାଙ୍କୁ ଦିଲ୍ଲୀରୁ ହଲପ କରାଗଲା। ତେଣୁ ନବୀନଙ୍କ ପାୱାର ବଢ଼ିଗଲା । ତେଣୁ ସେ ଯାହା କହିଲେ ତାହା ବେଦର ଗାର ହୋଇଗଲା। ଅକ୍ଷରେ ଅକ୍ଷରେ ପାଳନ କରିବାକୁ ସମସ୍ତେ ବାଧ୍ୟ ହୋଇଥିଲେ।



କିନ୍ତୁ ଏବେ ନବୀନ ପାୱାରରେ ନାହାନ୍ତି। ସେପଟେ ଦିଲ୍ଲୀ ସେଟିଂ ବି କଟିଯାଇଛି। ମୋଦି-ଶାହା ଆଞ୍ଚଳିକ ଦଳକୁ ଖତ କରିବାରେ ମାହିର। ଏକଥା ସମସ୍ତେ ବୁଝିଛନ୍ତି, ଜାଣିଛନ୍ତି ହେଲେ ନବୀନ ବାବୁ ଆଉ ତାଙ୍କ ପରିଚାଳନା କରୁଥିବା ପାଣ୍ଡିଆନ୍ କିନ୍ତୁ ବୁଝିପାରିଲେନି। ଯାହାର ଫଳ ଆଜି ଦଳ ଭୋଗୁଛି।

ନବୀନ ପାୱାରରେ ନଥିଲେବି ଏବେବି ପୁରୁଣା ତରିକାରେ ଦଳ ଚଳାଉଛନ୍ତି। ବିରୋଧୀ ବେଳେ ତରିକା ବଦଳିଯିବା କଥା। ଅବଶ୍ୟ ଆଜିକାଲି ନବୀନ ବାବୁ ଖୁବ୍ ପରିଶ୍ରମ କରୁଛନ୍ତି। ସ୍ୱାସ୍ଥ୍ୟକୁ ନଦେଖି ଦଳର ପତିଆରା କଥା ଚିନ୍ତା କରୁଛନ୍ତି। କିନ୍ତୁ କୋଟରୀ କବଳରୁ ମୁକ୍ତ ହୋଇପାରୁନାହାନ୍ତି। ସାଧାରଣରେ ବିଜେଡ଼ି ପ୍ରତି କାହିଁକି ମୋହ ତୁଟୁଛି, କେବଳ ବିଜେପି ଠାରୁ କିଛି ପାଇବା ଆଶାରେ ନା ନିଜ ଦଳର ପରିଚାଳନାକୁ ନେଇ ଥିବା ଅସନ୍ତୋଷ ଯୋଗୁଁ, ତାହା ବୁଝିବାର ଆବଶ୍ୟକତା ରହିଛି ।

# ଏବେ କ'ଣ କଲେ ଭଲ?






ବିଜେଡ଼ିରେ କୋଟରୀ ରାଜ୍ ସରିବାର ବେଳ ଆସିଯାଇଛି। ଏବେବି ଦଳର ପ୍ରମୁଖ ଭାଗରେ ରହିଥିବା ନେତାମାନେ ନିର୍ଦ୍ଦିଷ୍ଟ କୋଟରୀର। ମୁଖପାତ୍ରଙ୍କ ଠାରୁ ନେଇ ଯୁବ, ଛାତ୍ର, ବରିଷ୍ଠ ମାମଲତକାରମାନେ ପାଣ୍ଡିଆନଙ୍କୁ ହିଁ ଦିଅଁ ଭାବୁଛନ୍ତି। ସବୁ ନେତାଙ୍କୁ ଏବେ ସଶକ୍ତ କରିବାର ସମୟ ଉପନୀତ। ନବୀନ ବାବୁ ଦଳର ବରିଷ୍ଠ ନେତାମାନଙ୍କୁ ଜୋନୱାରୀ ଦାୟିତ୍ୱ ଦିଅନ୍ତୁ। ଦୁଇ ତିନୋଟି ଜିଲ୍ଲା ଦାୟିତ୍ୱରେ ବଡ଼ ନେତାଙ୍କୁ ଦାୟିତ୍ୱ ଦିଆଯାଉ। ସେଠାକାର ସଂଗଠନ କଥା ବୁଝିବାକୁ ସ୍ୱାଧୀନତା ଦିଆଯାଉ। ନିଜ ନିଜ ଢଙ୍ଗରେ ସେମାନେ ସଂଗଠନ କରିବାର ପ୍ରୟାସ ଆରମ୍ଭ କରିଦିଅନ୍ତୁ। ଅତିକମ୍‌ରେ ପଞ୍ଚାୟତ ନିର୍ବାଚନ ପର୍ଯ୍ୟନ୍ତ ସେମାନଙ୍କର ପରୀକ୍ଷା ନିଆଯାଉ। ନଚେତ୍ ନେତାମାନେ ଭାବିବେ ଆମେ କେବଳ ମେଢ଼ ଚାରିପାଖର ପାର୍ଶ୍ୱଦେବୀ। ସଂତୃପ୍ତ ମିଶ୍ରଙ୍କୁ ଦଳ ଟିକେଟ୍ ଦେବାପରେ ବରିଷ୍ଠ ନେତାମାନେ ଉଭାନ ହୋଇଯାଇଛନ୍ତି। ଏହାକୁ ନବୀନ ସିରିୟସଲି ନେଇନାହାନ୍ତି। ବବି ଦାସ, ପ୍ରତାପ ଜେନା, ସଞ୍ଜୟ ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ, ଦେବୀ ପ୍ରସାଦ ମିଶ୍ରଙ୍କୁ ଲେନ୍ସ ଲଗାଇ ଖୋଜିଲେ ବି ଦେଖିବାକୁ ମିଳୁନାହିଁ। ଅତଏବ ନେତାଙ୍କ ମନରେ କ୍ଷୋଭ ରହିଛି। ତୁରନ୍ତ ପ୍ରତିକାର ବ୍ୟବସ୍ଥା ନକଲେ ବିଜେଡ଼ି ଭାଡ଼ି ଖାଲିହେବାର ବି ଆଶଙ୍କା ରହିଛି। ରାଜନୀତିକ ଭବିଷ୍ୟତ ପାଇଁ ବରିଷ୍ଠ ନେତାମାନେ ବି ବିଜେପି ଆଡ଼କୁ ଢ଼ଳିଲେ ଆଶ୍ଚର୍ଯ୍ୟ ହେବାର ନାହିଁ। ନଚେତ୍ ନୂଆ ଦଳ ଗଠନ ନେଇ ବି ପ୍ରକ୍ରିୟା ଆରମ୍ଭ ହୋଇପାରେ।

# ଭକ୍ତଙ୍କ ବିରୋଧରେ ରମେଶଙ୍କ ଭୋଟିଂ

ରମେଶ ଜେନା ବିଜେଡ଼ି କି ବିଜେପିକୁ ଯିବାର ଯୋଜନା କରିନଥିଲେ। କେବଳ ଭକ୍ତଙ୍କୁ ପାନେଦେବାକୁ ସେ ଦିଲ୍ଲୀପ ରାୟଙ୍କୁ ଭୋଟ୍ ଦେଇଥିଲେ। ସେ ଭଲଭାବେ ଜାଣିଥିଲେ, ତାଙ୍କୁ ଦଳ ନିଲମ୍ବିତ କରିବ। ହେଲେ ୨୦୨୯ରେ ନିର୍ବାଚନ। ଅତଏବ ଆହୁରି ତିନିବର୍ଷ ବାକିରହିଛି। ତାଙ୍କର ସଭ୍ୟପଦ ଯିବାର ବି ଚାନ୍ସ ନାହିଁ। ଭକ୍ତଙ୍କ ନେତୃତ୍ୱରେ ରହି ଅଣନିଃଶ୍ୱାସୀ ହେବା ଅପେକ୍ଷା ସ୍ୱାଧୀନ ଭାବେ ସଂଗଠନ କରିବା ଭଲ ବୋଲି ସେ ଭାବି ନେଇଥିଲେ। ରମେଶ ଜାଣିଛନ୍ତି, ତାଙ୍କ ରାଜନୀତିକ ଭବିଷ୍ୟତ କେବଳ ତାଙ୍କ ହାତରେ ହିଁ ରହିଛି। ଗତ ଦୁଇ ଦଶନ୍ଧି ଧରି ସେ ଗଞ୍ଜାମର ଟାଣୁଆ କଂଗ୍ରେସ ନେତାଭାବେ ପରିଗଣିତ। ବିଜେଡ଼ିର ଦବଦବା ଥାଉକି ବିଜେପିର, ସାନଖେମୁଣ୍ଡିରେ କିନ୍ତୁ ସେ ଲୋକପ୍ରିୟ ନେତାଭାବେ ପରିଗଣିତ। ୨୦୦୯ରେ ସେ ବିଧାୟକ ହୋଇଥିଲେ, କିନ୍ତୁ ୨୦୧୪ରେ ହାରି ଯାଇଥିଲେ। ହେଲେ ୨୦୧୯ ଓ ୨୦୨୪ ନିର୍ବାଚନରେ ସେ ପୁଣିଥରେ ବାଜିମାତ୍ କରିବା ଛୋଟ କଥା ନୁହେଁ। ଏମିତିବି ବିଜେପିକୁ ଗଲେବି ସେ ଜିତିପାରିବେ। କାହିଁକିନା ସାନଖେମୁଣ୍ଡିରେ ଏବେବି ବିଜେପି ଉଧାଇପାରିନି। ରାଜନୀତିରେ କିଛି ବି ଅସମ୍ଭବ ନୁହେଁ। ରମେଶଙ୍କୁ ନେବାରେ ବିଜେପି ବି କୁଣ୍ଠାବୋଧ କରିବନାହିଁ। ଏସବୁ ଅଙ୍କକୁ ଅନୁଶୀଳନ କରିବା ପରେ ରମେଶ ଦଳୀୟ ହ୍ୱିପକୁ ଫୁଁ' କରିଦେଇଛନ୍ତି।

## ଛେଳି, ମେଣ୍ଢା ହୋଇଗଲେ : ଭକ୍ତ



ମଉକା ଦେଉଥିଲି। ରାଜ୍ୟସଭା ନିର୍ବାଚନ ଭିତରେ ସୁଧୁରିଯିବେ ବୋଲି ଭାବୁଥିଲି। କିନ୍ତୁ ଏମିତି କରିବେ ବୋଲି ଭାବିନଥିଲି। ଗଣତନ୍ତ୍ରକୁ ବଞ୍ଚାଇବା ପାଇଁ ବିଜେଡ଼ି-କଂଗ୍ରେସର ସାଧୁ ଉଦ୍ୟମ ହୋଇଥିଲା। ଜମିଦାର ହୋଇ କଂଗ୍ରେସ ଦଳରେ ଥିବା ଲୋକ ଛେଳି, ମେଣ୍ଢା ଭଳି ବିକ୍ରି ହୋଇଗଲେ। ତେବେ ଅବିଭକ୍ତ ଗଞ୍ଜାମ, କଟକ-ବାରବାଟୀ ଅଞ୍ଚଳରେ କଂଗ୍ରେସର ଯେଉଁ ଜମିଦାରୀ ଥିଲା ତାହା ମୁକ୍ତ ହୋଇଯାଇଛି। ସେମାନଙ୍କ ନିର୍ବାଚନମଣ୍ଡଳୀକୁ କଂଗ୍ରେସ ଯିବ। କେତେ ଟଙ୍କାରେ ବିକ୍ରି ହୋଇଛନ୍ତି ତହା ଜଣାଇବ। ଏମିତି ଭାବେ କ୍ଷୋଭ ପ୍ରକାଶ କରି ବର୍ଷିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ।

## ବାପା ଜେଲରେ ଥିଲେ, ପିଲା କ୍ରସଭୋଟିଂ କଲେ



ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କ ପରାଜୟ ଓ ବିଜେଡ଼ିର ବଡ଼ କ୍ରସ ଭୋଟିଂ ନବୀନଙ୍କୁ କ୍ଷୁବ୍ଧ ଓ ଆହତ କରିଦେଇଛି। ଯେଉଁଥିପାଇଁ ସେ କ୍ରସଭୋଟିଂ କରିଥିବା ନେତାଙ୍କ ଉପରେ ବର୍ଷିଛନ୍ତି। ସିଧାସିଧା କହିଛନ୍ତି, ବିଜେପି ଘୋଡ଼ାବେପାର କରୁଛି। ଯାହା ପୂର୍ବରୁ କହୁଥିଲି, ସେଇଆ ହିଁ ହେଲା। ଯେଉଁମାନେ କ୍ରସଭୋଟିଂ କରିଛନ୍ତି ସେମାନଙ୍କର ଅପରାଧିକ ଇତିହାସ ରହିଛି। ସେମାନଙ୍କ ବାପାମାନେ ଜେଲ୍‌ରେ ରହିଛନ୍ତି ବୋଲି ନବୀନ କହିଛନ୍ତି।

## ନବୀନଙ୍କ ଉପରେ ଫିଙ୍ଗିକିଲେ ମୋହନ



ନବୀନ କଡ଼ା ଭାଷାରେ ବିଜେପି ଉପରେ ବର୍ଷିଥିବାବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର କଡ଼ା ଜବାବ ଦେଇଛନ୍ତି। ନବୀନଙ୍କ 'ଅପରାଧିକ ପୃଷ୍ଠଭୂମି'ର କଥାକୁ ଜବାବ ଦେଇ ସେ କହିଛନ୍ତି, ନବୀନଙ୍କ ଏଭଳି ମନ୍ତବ୍ୟ ଗଣତନ୍ତ୍ରର ମର୍ଯ୍ୟାଦା ପ୍ରତି ଆକ୍ଷେପ। ଜଣେ ଦୀର୍ଘକାଳୀନ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କ ଠାରୁ ଏମିତି ଅପରିପକ୍ୱ ଓ ଅପମାନଜନକ ଶବ୍ଦ ଆଶା କରାଯାଏନାହିଁ। ସେମାନଙ୍କୁ ଅପରାଧି କହିବାର ଅର୍ଥ ହେଉଛି, ସେମାନଙ୍କୁ ନିର୍ବାଚିତ କରିଥିବା ହଜାର ହଜାର ଭୋଟରଙ୍କୁ ଅପମାନିତ କରିବା।

# ବିଜେଡ଼ିକୁ ସୁହାଉନି ଲୁଙ୍ଗି



ବିଜେଡ଼ିକୁ ଲୁଙ୍ଗି ଆଦୌ ସୁହାଉନି। ଲୁଙ୍ଗି ପିନ୍ଧା ରଣନୀତି ଦଳ ପାଇଁ ଅଶୁଭ କହିଲେ ଭୁଲ୍ ହେବନି। ୨୦୨୪ ନିର୍ବାଚନ ବେଳେ ନବୀନ ବାବୁ ଲୁଙ୍ଗି ପିନ୍ଧି ଯୋଡ଼ି ଶଙ୍ଖର ପ୍ରଚାର କଲେ। ତାହାକୁ ନେଇ ଧର୍ମେନ୍ଦ୍ର ପ୍ରଧାନ ବି ଜମାଣିଆ ଖେଳ ଖେଳିଲେ। ବେଶ୍ କିଛିଦିନ ଲୁଙ୍ଗି-ଧୋତି ସୁଆଙ୍ଗ ବି ଚାଲିଲା। ଚବିଶରେ ବିଜେଡ଼ି ମାଟି କାମୁଡ଼ିଲା। ରାଜ୍ୟସଭା ନିର୍ବାଚନ ପୂର୍ବ ରାତିରେ ନବୀନ ନିବାସରେ ବିଜେଡ଼ି ବିଧାୟକମାନେ ଶୋଇଲେ। ଲୁଙ୍ଗି ପିନ୍ଧି ଫଟୋ ପୋଜ୍ ଦେଲେ। ହେଲେ ଲୁଙ୍ଗି ପିନ୍ଧି ନବୀନ ନିବାସରେ ରାତି କାଟିଥିବା ବିଧାୟକ ବି ଘୋଡ଼ା ପାଲଟିଗଲେ। ସେଇଥିପାଇଁ ବିଜେଡ଼ିକୁ ଲୁଙ୍ଗି ସୁହାଉନି ବୋଲି ଖଟିରେ ବେଶ୍ ଗମାତ ଚାଲିଛି।

ଗର୍ବିତ ଓଡ଼ିଆ

# କ୍ରସଭୋଟିଂ କଲେ ୧୧ ବିଧାୟକ













ଯେତିକି ଆଶଙ୍କା ଥିଲା, ତାହାଠୁ ଅଧିକା ହେଲା । ବିଜେଡ଼ିରୁ ଚାରି ପାଞ୍ଚ ଜଣ କ୍ରସଭୋଟିଂ କରିବେ ବୋଲି ଅନୁମାନ କରାଯାଉଥିଲା । କିନ୍ତୁ ନବୀନଙ୍କଠୁ ମୁହଁ ଫେରାଇ ୮ ବିଧାୟକ ଆଜି କ୍ରସଭୋଟିଂ କରିଛନ୍ତି। ନିର୍ବାଚନ ପ୍ରାରମ୍ଭରେ କେବଳ ନିଲମ୍ବିତ ବିଧାୟକ ସନାତନ ମହାକୁଡ଼ ଓ ଅରବିନ୍ଦ ମହାପାତ୍ର ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ସମର୍ଥନ କରିବେ ବୋଲି ସ୍ପଷ୍ଟ ଥିଲା। କିନ୍ତୁ ପରେପରେ ସେହି ତାଲିକାରେ ଯୋଡ଼ି ହୋଇ ଯାଇଥିଲେ ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର ଓ ଜୟଦେବ ବିଧାୟକ ନବକିଶୋର ମଲ୍ଲିକ। କାହିଁକିନା ନବୀନ ନିବାସରେ ଅନୁଷ୍ଠିତ ବିଜେଡ଼ି ବିଧାୟକ ଦଳ ବୈଠକକୁ ଏମାନେ ଯାଇନଥିଲେ। ଯେଉଁଥିପାଇଁ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ବି ଜାରି କରାଯାଇଥିଲା। ଗାଏମୋଟ୍ କହିଲେ ଭୋଟଦାନର ସକାଳ ପର୍ଯ୍ୟନ୍ତ ଏହି ୪ ବିଧାୟକ ଦିଲ୍ଲୀପଙ୍କୁ ଭୋଟ୍ ଦେବା ନିଶ୍ଚିତ ଥିଲା। କିନ୍ତୁ ମତଦାନ ଚାଲିଥିବାବେଳେ ଭିନ୍ନ ଚିତ୍ର ଦେଖିବାକୁ ମିଳିଥିଲା। ବିଜେଡ଼ିର ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ବସ୍ତା ବିଧାୟିକା ସୁବାସିନୀ ଜେନା ଓ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ମଧ୍ୟ କ୍ରସ୍ ଭୋଟିଂ କରିଥିଲେ । ଯଦିଓ ସୌଭିକ ଓ ସୁବାସିନୀଙ୍କୁ ନେଇ କିଛି ଶଙ୍କା ଥିଲା, ହେଲେ ଦେବୀ ଓ ରମାକାନ୍ତଙ୍କ ନାମ ଗନ୍ଧ ନଥିଲା । ଯାହାକି ସମସ୍ତଙ୍କୁ ଚକିତ୍ କରିଥିଲା ।

ଅପରପକ୍ଷରେ ଭକ୍ତ ଦାସଙ୍କୁ ବି କଂଗ୍ରେସର ୩ ବିଧାୟକ ଝଟ୍କା ଦେଇଛନ୍ତି। କଂଗ୍ରେସର ଦାଶରଥି ଗମାଙ୍ଗ କ୍ରସ୍‌ଭୋଟିଂ କରିବା ନିଶ୍ଚିତ ବୋଲି ସମସ୍ତଙ୍କୁ ଜଣାଥିଲା । ଦଳ ବି ଏହା ଜାଣି ସାରିଥିଲା। ଦାଶରଥି ଅନେକ ଦିନ ଧରି କଂଗ୍ରେସ ନେତାଙ୍କୁ ଧରାଛୁଆଁ ଦେଉନଥିଲେ। କିନ୍ତୁ ଦାଶରଥିଙ୍କ ସହ ଆଉ ଦୁଇ ବିଧାୟକ କ୍ରସ୍ ଭୋଟିଂ କରିଥିଲେ। ସୋଫିଆ ଫିର୍ଦ୍ଦୋଷ ଏମିତିବି ଦଳଠାରୁ ଦୂରେଇ ରହିଥିଲେ। ମହମ୍ମଦ ମୋକିମ୍ ଦଳରୁ ବହିଷ୍କୃତ ହେବା ପରଠାରୁ ସେ କେବଳ ନାଁକୁ ମାତ୍ର କଂଗ୍ରେସ ବିଧାୟିକା ଥିଲେ। ତେବେ ସେ ଅନୁପସ୍ଥିତ ରହିବେ ବୋଲି ଅନୁମାନ କରାଯାଉଥିଲା। କିନ୍ତୁ ବିଳମ୍ବରେ ଆସି ସେ ଦିଲ୍ଲୀପଙ୍କୁ ଭୋଟ୍ ଦେଇଥିଲେ। କିନ୍ତୁ ସବୁଠୁ ବେଶୀ ଝଟକା ଦେଇଥିଲେ ରମେଶ ଜେନା। ସେ କଂଗ୍ରେସ କଥାରେ ଯିବେବୋଲି ଚର୍ଚ୍ଚା ହେଉଥିଲା। ଏମିତିବି ଭକ୍ତଙ୍କୁ ଭେଟି ସେ କଥା ଦେଇଥିଲେ। ହେଲେ ସେ ଦିଲ୍ଲୀପଙ୍କୁ ଭୋଟ୍ ଦେଇ ଭକ୍ତଙ୍କୁ ଝଟକା ଦେଇଛନ୍ତି।


## କଟକୀ ନେତାଙ୍କ ପ୍ରତିଶୋଧ

ଯାଗା ଦେଖି ମାରିବାରେ କଟକିଆଙ୍କୁ କେହି ପାରିବେନି। ହେଇ ଦେଖୁନାହାନ୍ତି ବାପାଙ୍କୁ ଦଳ ଅପମାନିତ କରିଥିଲା। ପିଲାମାନେ ମନେମନେ ଜଳୁଥିଲେ। ହେଲେ ରାଜନୀତିକ ଭବିଷ୍ୟତ ପାଇଁ ନୀରବରେ ଅପମାନକୁ ପିଇ ଯାଉଥିଲେ। କିନ୍ତୁ ପେଟ ଭିତରେ ଅପମାନ ବଦହଜମି ହେଉଥିଲା, ମନ ଭିତରେ ନିଆଁ ଜଳୁଥିଲା। ଠିକ୍ ସମୟରେ ଯାଗା ଦେଖି ବିସ୍ଫୋରଣ କରିଦେଲେ। ଆମେ କହୁଛୁ ତିନି କଟକୀ ନେତାଙ୍କ କଥା। ପ୍ରଭାତ ତ୍ରିପାଠୀଙ୍କୁ ଚିଟଫଣ୍ଡ ମାମଲାରେ ସିବିଆଇ ବାନ୍ଧିବା ପରେ ଦଳ ତାଙ୍କୁ ବହିଷ୍କାର କରିଦେଲା । ପରେ ପୁଅ ଦେବୀରଞ୍ଜନଙ୍କୁ ଦଳ ଟିକେଟ ଦେଇ ବିଧାୟକ କଲା । ହେଲେ ପ୍ରଭାତଙ୍କୁ ଆଉ ଦଳ ପଚାରିଲାନି । ବରଂ ପାଣ୍ଡିଆନଙ୍କ ପ୍ରସଙ୍ଗରେ ତାଙ୍କ ମନ୍ତବ୍ୟକୁ ନେଇ ବିଜେଡ଼ିର ଛୁଆଠୁ ବଡ଼ ନେତାମାନେ ତାଙ୍କୁ ସୋସିଆଲ ମିଡ଼ିଆରେ ଦହଗଞ୍ଜ କଲେ । ସବୁ ଦେଖି ସହି ଯାଉଥିଲେ ଦେବୀ ତ୍ରିପାଠୀ।

ପ୍ରଭାତ ବିଶ୍ୱାଳଙ୍କୁ ନବୀନ ନିବାସରେ ବେକିଆ ତଣ୍ଟିଆ ମରାଗଲା। ଦେବାଶିଷ ସାମନ୍ତରାୟ ଯେମିତି ପ୍ରତିକ୍ରିୟା ଦେଲେ ବିଷ ଖାଇଦେବାକୁ ବି ଇଚ୍ଛା ହେବ। ଦଳ ବି ଛାଡ଼ିଲାନି। ବିଜେଡ଼ିର ଆଇଟି ସେଲ୍ ଚିଟଫଣ୍ଡ ଚୋର, ନାଲିବାବା କହି କାର୍ଟୁନ କରି ଇଲେଇତି କଲା। ବାପା ଅପମାନିତ ହେଉଥିଲେବି ସମୟକୁ ଅପେକ୍ଷା କରିଥିବା ସୌଭିକ ମୁଣ୍ଡପାତି ସହି ନେଇଥିଲେ ।

ମହମ୍ମଦ ମୋକିମ ଉପକୂଳର ଟାଣୁଆ କଂଗ୍ରେସ ନେତା। ସଂଗଠନ ସାଙ୍ଗକୁ ଠନଠନ ବି ଅଛି । ହେଲେ ଭକ୍ତଙ୍କ ସହ ପଡ଼ିଲାନି। ଭକ୍ତ ବି ମଉକା ଦେଖି ତାଙ୍କୁ ବିଭୀଷଣ ସଜାଇଦେଲେ। ଦଳରୁ ବାହାର କରିଦେଇ ଅପମାନିତ କଲେ। ବାପାଙ୍କ ପାଇଁ ଝିଅ ସୋଫିଆ ଆଜି ବିଧାନସଭାକୁ ଆସିପାରିଛନ୍ତି । ମୋକିମଙ୍କୁ ଦଳୀୟ ନେତା ଟାହିଟାପରା କଲେ । ଅପମାନ ସହି ସୋଫିଆ ବି ନୀରବ ରହିଥିଲେ ।

ଦେବୀ, ସୌଭିକ ଓ ସୋଫିଆ ସମୟକୁ ଅପେକ୍ଷା କରିଥିଲେ। ବାସ୍ ରାଜ୍ୟସଭା ନିର୍ବାଚନରେ ଦିଲ୍ଲୀପ ରାୟ ସେମିତି ଏକ ସୁଯୋଗ ଦେଇଦେଲେ । ଯାଗା ଦେଖି ଜବାବ ଦେଲେ ତିନି ନେତା । ବାପାଙ୍କ ଅପମାନର ମଧୁର ପ୍ରତିଶୋଧ ନେଲେ ।



# ରାଜ୍ୟସଭାରେ କାହାକୁ ମିଳିଲା କେତେ ?

ରାଜ୍ୟସଭା ନିର୍ବାଚନରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ସୁଜିତ୍ କୁମାର, ବିଜେଡ଼ିର ସଂତୃପ୍ତ ମିଶ୍ର ଓ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ବାଜିମାତ୍ କରିଛନ୍ତି। ଯେତେବେଳେକି ବିଜେଡ଼ି-କଂଗ୍ରେସର ମିଳିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଛି। ନିର୍ବାଚନରେ ୧୪୭ ବିଧାୟକ ଭୋଟ୍ ଦେଇଥିବାବେଳେ ଜିତିବା ପାଇଁ ୨୯୪୧ ଖଣ୍ଡର ଭୋଟ ଆବଶ୍ୟକ ଥିଲା। ରାଜ୍ୟସଭା ନିର୍ବାଚନରେ ଏକାଧିକ ଆସନ ପାଇଁ ଭୋଟ୍ ହେଉଥିଲେ ଜଣେ ବିଧାୟକଙ୍କ ଭୋଟ୍ ୧୦୦ ବୋଲି ବିଚାର କରାଯାଏ । ନିର୍ବାଚନରେ ମନମୋହନଙ୍କୁ ୩୫ ଶହ ଓ ସୁଜିତଙ୍କୁ ୩୫ ଶହ ଭୋଟ୍ ମିଳିଥିଲା। ଯେତେବେଳେକି ଦିଲ୍ଲୀପ ରାୟଙ୍କୁ ୨୩୦୦ ଓ ଦତ୍ତେଶ୍ୱରଙ୍କୁ ୨୩୦୦ ଭୋଟ୍ ମିଳିଥିଲା। ଦିଲ୍ଲୀପ ଓ ଦତ୍ତେଶ୍ୱର ଜିତିବା ପାଇଁ ଆବଶ୍ୟକୀୟ କୋଟା ୨୯୪୧ ଖଣ୍ଡ ଭୋଟ୍ ପାଇନଥିବାରୁ ଦ୍ୱିତୀୟ ପସନ୍ଦ ଭୋଟ୍ ଗଣତି କରାଯାଇଥିଲା।

ବିଜେପିର ମତଦାନ କେଉଁ ପ୍ରକ୍ରିୟାରେ ହେବ ସେନେଇ ଦିଲ୍ଲୀରୁ ସ୍ୱତନ୍ତ୍ର ଭାବେ ଲେଖା ଆସିଥିଲା । କେମିତି ଭୋଟ୍ ଦେଲେ ଗଣତି କିପରି ହେବ, ପ୍ରାର୍ଥୀ କିଭଳି ଫାଇଦାରେ ରହିବେ ତାହାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା।

ପ୍ରଥମେ ସୁଜିତ କୁମାରଙ୍କ ଭୋଟ ଗଣନା କରାଯାଇଥିଲା। ସୁଜିତ କୁମାରଙ୍କୁ ଯେଉଁ ଭୋଟ୍ ମିଳିଥିଲା ସେଥିରେ ୧୩ ବିଧାୟକ ଦିଲ୍ଲୀପ ରାୟଙ୍କୁ ଦ୍ୱିତୀୟ ପସନ୍ଦର ଭୋଟ୍ ଦେଇଥିଲେ। ଦ୍ୱିତୀୟ ପସନ୍ଦର ଭୋଟ୍‌ରେ ଜଣେ ବିଧାୟକଙ୍କ ଭୋଟ୍ ମୂଲ୍ୟ ୪୩ ଧାର୍ଯ୍ୟ ହୋଇଥିଲା। (ରାଜ୍ୟସଭାର ଏହା ଏକ ଜଟିଳ ଗଣିତ। ବଳକା ଭୋଟକୁ କାଏମ ଭୋଟରେ ବିଭକ୍ତ କରାଯାଇ ଏହା ସ୍ଥିର କରାଯାଇଥାଏ)। ଫଳରେ ୪୩ ଗୁଣନ ୧୩ ହିସାବରେ ଦିଲ୍ଲୀପ ପାଇଲେ ୫୫୯ ଭୋଟ୍। ମନମୋହନ ସାମଲଙ୍କ ବାଲାଟରେ ୧୩ ବିଧାୟକ ଦିଲ୍ଲୀପ ରାୟଙ୍କୁ ଦ୍ୱିତୀୟ ପସନ୍ଦ ଭୋଟ୍ ଦେଇଥିଲେ। ଫଳରେ ଦିଲ୍ଲୀପ ସେଠାରୁ ୫୫୯ ବଳକା ଭୋଟ୍ ପାଇଥିଲେ। ଏହିପରି ଭାବେ ୧୧୧୮ ଭୋଟ୍ ପାଇବାରୁ ଦିଲ୍ଲୀପଙ୍କ ମୋଟ୍ ଭୋଟ୍ ୩୪୧୮ ରେ ପହଁଚିଥିଲା ।

ଗର୍ବିତ ଓଡ଼ିଆ
ODIA WEEKLY • GARVIT ODIA

## ନବଙ୍କୁ ନେଇ ମୁହାଁମୁହିଁ



ରାଜ୍ୟସଭା ନିର୍ବାଚନ ବେଳେ ଆଉ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ବିଧାନସଭାକୁ ଆସିବା ବେଳେ ତାଙ୍କୁ ବିଜେଡ଼ି ବିଧାୟକମାନେ ସେମାନେ ବସିଥିବା ରୁମ୍‌କୁ ଟାଣି ନେଇଥିଲେ। ଦୀର୍ଘ ସମୟ ଧରି ସେ ସେଠାରେ ବସି ରହିଥିଲେ। କିନ୍ତୁ ସେ ଦିଲ୍ଲୀପ ରାୟଙ୍କୁ ଭୋଟ୍ ଦେବେବୋଲି ପୂର୍ବରୁ ଚର୍ଚ୍ଚା ହେଉଥିଲା। ଅପରପକ୍ଷରେ ତାଙ୍କର ପିଏସଓ ଓ ଅନ୍ୟ ସହଯୋଗୀ ତାଙ୍କୁ ଡାକିବାକୁ ଯାଇଥିଲେବି ବିଜେଡ଼ି ବିଧାୟକମାନେ ତାଙ୍କୁ ଯିବାକୁ ଦେଇନଥିଲେ। ତେବେ ନବକିଶୋର ଭୋଟ ଦେବାକୁ ଯିବାବେଳେ ତାଙ୍କର ଘନିଷ୍ଠ ସହଯୋଗୀ ଜରୁରୀ କଥା ପାଇଁ ଫୋନ୍‌ଟି ବଢ଼ାଇ ଦେଇଥିଲେ। ନବକିଶୋର ଫୋନଟି ନେବାବେଳେ ନବଙ୍କ ସହ ଯାଉଥିବା ଅନ୍ୟ ଜଣେ ବିଜେଡ଼ି ନେତା ପ୍ରତିବାଦ କରିଥିଲେ। ଏହାକୁ ନେଇ ଉଚ୍ଚବାଚ ଚାଲିଥିବାବେଳେ ବିଜେପି ବିଧାୟକ ଓ ମନ୍ତ୍ରୀମାନେ ମାଡ଼ି ଆସିଥିଲେ। ବେଶ୍ କିଛି ସମୟ ସେଠାରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏମିତି ହାତାହାତି ସ୍ଥିତି ବି ଉପୁଜିଥିଲା। ବିଜେଡ଼ି-ବିଜେପି ବିଧାୟକମାନଙ୍କ ହାଲାବୋଲରେ ବିଧାନସଭା ପରିସର କମ୍ପି ଉଠିଥିଲା। ପ୍ରାୟ ପନ୍ଦର କୋଡ଼ିଏ ମିନିଟ୍ ଧରି ହାଲାବୋଲ ଚାଲିଥିଲା। ଅବଶ୍ୟ ଶେଷରେ ନବକିଶୋର ଦିଲ୍ଲୀପ ରାୟଙ୍କୁ ହିଁ ଭୋଟ୍ ଦେଇଥିଲେ।

## ଉପାସନାଙ୍କ ଦ୍ୱିତୀୟ ବାଲାଟ୍ ବିବାଦ



ରାଜ୍ୟସଭା ନିର୍ବାଚନ ବେଳେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ରଙ୍କ ଦ୍ୱିତୀୟ ବାଲାଟକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଉପାସନା ମତଦାନ କରିବା ବେଳେ ପ୍ରଥମ ବାଲାଟ୍‌ରେ ଠିକ୍‌ରେ ମତଦାନ କରିପାରିନଥିଲେ। ସେଥିରେ ତ୍ରୁଟି ଥିବାରୁ ସେ ଦ୍ୱିତୀୟ ବାଲାଟ୍ ମାଗିଥିଲେ। ଯାହାକୁ ବିଜେଡ଼ିର ଏଜେଣ୍ଟ ପ୍ରତାପ ଦେବ ବିରୋଧ କରିଥିଲେ। ତେବେ ଉପାସନା ତାଙ୍କର ମତଦାନ ପରେ ବାଲାଟ ପେପରକୁ ଏଜେଣ୍ଟଙ୍କୁ ଦେଖାଇନଥିଲେ। ସେ ସିଧା ଯାଇ ନିର୍ବାଚନ ଅଧିକାରୀଙ୍କ ସହ କଥା ହୋଇଥିଲେ। ବାଲାଟଟି ପତଳା ଥିବାବେଳେ ପଛପଟେ ଥିବା ଷ୍ଟାମ୍ପଟି ସମ୍ମୁଖ ଭାଗକୁ ଛପିଯାଇଥିଲା। ସେଥିରେ ସ୍କେଚ୍ ପେନ୍‌ରେ ମତଦାନ କରିବା ବେଳେ ସମସ୍ୟା ରହିଥିଲା। ଫଳରେ ସେ ଦ୍ୱିତୀୟ ବାଲାଟ୍ ମାଗିଥିଲେ। କିନ୍ତୁ ପ୍ରତାପ ଦେବ ଆପତ୍ତି କରିବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। କିଛି ସମୟ ପାଇଁ ମତଦାନ ବି ବନ୍ଦ ରହିଥିଲା। ପରେ ନିର୍ବାଚନ ଅଧିକାରୀ ତାଙ୍କୁ ନିୟମାନୁଯାୟୀ, ଦ୍ୱିତୀୟ ବାଲାଟ୍ ଦେଇଥିଲେ। ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ଏହି ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏହାକୁ ସେ ଦୁର୍ଭାଗ୍ୟଜନକ ବୋଲି ଅଭିହିତ କରିଥିଲେ। ନିର୍ବାଚନ ଅଧିକାରୀ ଶାସକ ଦଳ ପ୍ରରୋଚନାରେ ଏଭଳି କରିଥିବାରୁ ଇସିଆଇ ଓ କୋର୍ଟଙ୍କୁ ଯିବୁ ବୋଲି ବିଜେଡ଼ି ବିଧାୟକମାନେ କହିଥିଲେ। .

ଗର୍ବିତ ଓଡ଼ିଆ
ODIA WEEKLY • GARVIT ODIA



# ସଠିକ୍ ମାର୍ଗ, ସ୍ପଷ୍ଟ ନୀତି

**ଶ୍ରୀ କାଳନ୍ଦି ସାମଲ**


ସଂଘର୍ଷର ଲମ୍ବା କାଳଖଣ୍ଡ। ମାତ୍ର ସେ ଭାଙ୍ଗି ନଥିଲେ, ଗଢ଼ି ଚାଲିଥିଲେ ସଂଗଠନ। ଅନ୍ଧାରରୁ ଆଲୁଅ ପାଇବା ପର୍ଯ୍ୟନ୍ତ ଚାଲିଥିଲେ। ବିଜେପିକୁ ରସାତଳରୁ କାନ୍ଧରେ ବୋହି ଶିଖର ଆଡ଼କୁ ନେଇଯାଉଥିଲେ ଡାକ୍ତର ଦେବେନ୍ଦ୍ର ପ୍ରଧାନ ।୧୯୮୦ ରୁ ୨୦୦୦ ମସିହା ପର୍ଯ୍ୟନ୍ତ ଓଡ଼ିଶାରେ ବିଜୁ ବାବୁ ଓ ଜାନକୀ ବାବୁ ଥିଲେ ଶୀର୍ଷ ନେତା। ଉଭୟଙ୍କ ଦଳ ବଡ଼ ଓ ଜନାଧାର ବି ଥିଲା। ସେଇ ସମୟରେ ନେତା ଓ ଜନାଧାର ନଥିବା ବିଜେପିର ନେତୃତ୍ୱ ନେଲେ ଡାକ୍ତର ବାବୁ ।

୧୯୮୫ ବେଳକୁ ବିଜେପିର ଭବିଷ୍ୟତ ନେଇ ନେତାମାନେ ସନ୍ଦିହାନରେ ଥିଲେ ।୧୯୮୮ରେ ସେ ରାଜ୍ୟ ସଭାପତି ଦାୟିତ୍ୱ ନେଲା ବେଳେ ବିଜେପି ସମ୍ପୂର୍ଣ୍ଣ ଦୁର୍ବଳ ହୋଇଯାଇଥିଲା । ମାତ୍ର ସେ ଥିଲେ ସ୍ଥିତପ୍ରଜ୍ଞ ।କହୁଥିଲେ –"ଡୁଠ ପଥର ହୋଇ ପଡ଼ିରହିବି, ମାତ୍ର ପାର୍ଟି ଛାଡ଼ି କୁଆଡ଼େ ଯିବିନି" । ଯେଉଁ ଦଳର ନେତା ଅଟଳ ବିହାରୀ ବାଜପେୟୀ, ଯାହା ପଛରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଅଛି, ଯେଉଁଠି ତନ ମନ ଧନ ଦେଇ କାର୍ଯ୍ୟକର୍ତ୍ତାମାନେ କାର୍ଯ୍ୟ କରୁଛନ୍ତି, ସେ ଦଳର ଭବିଷ୍ୟତ ଉଜ୍ଜ୍ୱଳ।

କେତେକ ହାତଗଣତି ଯୁବକଙ୍କୁ ସାଙ୍ଗରେ ଧରି ସଂଗଠନ ବିସ୍ତାର କାର୍ଯ୍ୟରେ ଲାଗିପଡ଼ିଲେ । ଜଣେ ପ୍ରତିଷ୍ଠିତ ଡାକ୍ତର ଭାବରେ ଭଲ ରୋଜଗାର କରୁଥିଲେ, ମାତ୍ର ରାଜ୍ୟ ସଭାପତି ହେଲା ପରେ ଡାକ୍ତରୀ ପେଶାରେ ଡୋରି ବାନ୍ଧିଲେ ସ୍ୱ-ଇଚ୍ଛାରେ ।କେନ୍ଦ୍ରୀୟ ନେତା କୈଳାସପତି ମିଶ୍ରଙ୍କ ପରାମର୍ଶରେ ଏକ୍ସ୍‌ରେ ମେସିନ୍ ଓ ସମସ୍ତ ଯନ୍ତ୍ରପାତି ବିକ୍ରି କରିଦେଇ ସଂଗଠନ କାର୍ଯ୍ୟରେ ସମ୍ପୂର୍ଣ୍ଣ ସମୟ ଦେଲେ ।

ଡାକ୍ତର ବାବୁ ଭଲ ପାଉଥିଲେ ମା'କୁ, ଭଲ ପାଉଥିଲେ ଗାଁକୁ, ଗ୍ରହଣ କରିଥିଲେ ରାଷ୍ଟ୍ରବାଦୀ ବିଚାରକୁ, ଧାରଣ କରିଥିଲେ ଦେଶସେବାର ବ୍ରତକୁ। ଧନ ସମ୍ପତ୍ତି ଦେଇ ନୁହେଁ, ସ୍ନେହ, ଶ୍ରଦ୍ଧା ଓ ସମ୍ମାନ ଦେଇ ଗଢ଼ି ତୋଳୁଥିଲେ ସମ୍ପର୍କ। ସଚ୍ଚା ସମ୍ପର୍କକୁ ଭାବନାରେ ନୁହେଁ, ତ୍ୟାଗ ଓ ସମର୍ପଣରେ କରିଥିଲେ ସିଦ୍ଧ। ଶୂନ୍ୟ ଶୂନ୍ୟ ମହାଶୂନ୍ୟରେ ବିଶ୍ୱ ବ୍ରହ୍ମାଣ୍ଡ ରଚନା କଲା ଭଳି ତାଙ୍କ ପାଖରେ ଥିଲା ସାହସ ଓ ଇଚ୍ଛା । ତାଙ୍କ ପାଖରେ ଥିବା ଅସୀମ ଧୈର୍ଯ୍ୟ ଆକଳନ କରିବା ଅସହଜ ।ଆରଏସଏସ ଶାଖାରୁ ସେ ରାଜନୀତିକୁ ଆସିନଥିଲେ, ମାତ୍ର ସେ ଥିଲେ ବିଚାରନିଷ୍ଠ । ଡାକ୍ତର ଚାକିରି ଛାଡ଼ି ରାଷ୍ଟ୍ରବାଦୀ ବିଚାରରେ ସେ ହୋଇଥିଲେ ଅଭିମନ୍ତ୍ରିତ । ସେବା ଓ ସମର୍ପଣ ହୋଇଥିଲା ଧ୍ୟେୟ । ତାଙ୍କୁ ଦେଖି ଅନେକ ଯୁବକ ଚାକିରି ଛାଡ଼ି ତାଙ୍କର ହେଲେ ସହଯୋଗୀ ।ଅନେକ ସାଧାରଣ ଯୁବକଙ୍କୁ ନେତୃତ୍ୱ ଦେଇ ସେ ଆରମ୍ଭ କଲେ ଭିନ୍ନ ଏକ ରାଜନୈତିକ ସଂସ୍କୃତି ।

ଶୂନ୍ୟତା ଭିତରେ ବିଜେପି ପାଇଁ ସଂଗଠନ ରୋପଣ କରିଥିବା ବୀଜ ପରିଣତ ହେଲା ମହାଦ୍ରୁମରେ । ଦିନେ ରାଜ୍ୟ କମିଟି ଗଠନ କରିବା ପାଇଁ ଖୋଜୁଥିଲେ ନେତା, ଆଜି ଗାଁ ଗାଁରେ ଠିଆ ହେଲେ ଶହ ଶହ କାର୍ଯ୍ୟକର୍ତ୍ତା। ୧୯୯୦ରେ ବିଜୁ ବାବୁଙ୍କ ନେତୃତ୍ୱରେ ଏକତରଫା ସଂଖ୍ୟାଗରିଷ୍ଠତା ହାସଲ କରିଥିଲା ଜନତା ଦଳ। ୧୯୯୧ରେ ମାଲକାନଗିରି ଉପନିର୍ବାଚନରେ ବିଜେପିର ଅରବିନ୍ଦ ଢାଲିଙ୍କୁ ବିଜୟୀ କରିବାରେ ସଫଳ ହେଲେ ଡାକ୍ତର ବାବୁ । ୧୯୯୬ରେ ବିଜୁ ବାବୁ ଲୋକସଭାକୁ ନିର୍ବାଚିତ ହେଲା ପରେ ଭୁବନେଶ୍ୱର ବିଧାନସଭାରୁ ଇସ୍ତଫା ଦେବାରୁ ହେଲା ଉପନିର୍ବାଚନ। ଡାକ୍ତର ବାବୁ ବିଜେପିର ସଭାପତି ଥିବା ବେଳେ ବିଶ୍ୱଭୂଷଣ ହରିଚନ୍ଦନ ବିଜେପିର ବିଧାୟକ ପ୍ରାର୍ଥୀ ହେଲେ । ଜାନକୀ ବାବୁ ମୁଖ୍ୟମନ୍ତ୍ରୀ ଥିବା ସତ୍ତ୍ୱେ କଂଗ୍ରେସ ପରାସ୍ତ ହେବା ସହିତ ବିଜୁ ବାବୁଙ୍କ ଠାରୁ ତାଙ୍କ ଆସନକୁ ଛଡ଼ାଇ ଆଣିବାରେ ସଫଳ ହେଲା ବିଜେପି । ଗୋଟିଏ ପଟେ ବିଜୁ ବାବୁ, ଗୋଟିଏ ପଟେ ଜାନକୀ ବାବୁ, ଆଉ ଗୋଟିଏ ପଟେ ବିଜେପିର ରାଜ୍ୟ ସଭାପତି ଡାକ୍ତର ବାବୁ ।୧୯୯୭ରେ କାମାକ୍ଷାନଗର ଉପନିର୍ବାଚନରେ ବିଜେପିର ରୁଦ୍ରନାରାୟଣ ପାଣି ପ୍ରାର୍ଥୀ ହେଲେ। ବିଜୁ ବାବୁ ପ୍ରାଣମୂର୍ଚ୍ଛା ପ୍ରଚାର ସତ୍ତ୍ୱେ ତାଙ୍କ ଦଳକୁ ଧରାଶାୟୀ କରି ବିଜେପି ଦ୍ୱିତୀୟ ଶକ୍ତି ଭାବରେ ପ୍ରତିଷ୍ଠିତ ହୋଇଥିଲା। ଏହା ପରେ ଡାକ୍ତର ପ୍ରଧାନଙ୍କ ଗୁରୁମନ୍ତ୍ର କାର୍ଯ୍ୟକର୍ତ୍ତାମାନଙ୍କ ଭିତରେ ଭରିଥିଲା ଉତ୍ସାହ। ଯେତେବେଳେ ସେ ବିଜେପିରେ ସକ୍ରିୟ ହେଲେ, ଅନେକ ଲୋକ କହୁଥିଲେ- ଡାକ୍ତରଟା ପାଗଳ ହୋଇଯାଇଛି, ନହେଲେ ଭଲ ରୋଜଗାର ଛାଡି ଅସ୍ତିତ୍ୱ ନଥିବା ପାର୍ଟିରେ ବସ ଟ୍ରେନରେ ବୁଲନ୍ତା କେମିତି? ନିଜେ ତ ବୁଲିଲା, ସାନ ପୁଅ ଧର୍ମେନ୍ଦ୍ର ଟା ବି ସେହିଭଳି । ମାତ୍ର ଏକଥାକୁ ସେ ଭ୍ରୁକ୍ଷେପ କରୁନଥିଲେ। ଧର୍ମପତ୍ନୀ ବସନ୍ତ ମଞ୍ଜରୀ ପ୍ରଧାନ ବଡ଼ ପୁଅକୁ ଧରି ଘର ସମ୍ଭାଳିଲେ ।



୧୯୯୧ରେ ମାଲକାନଗିରି ଉପନିର୍ବାଚନ ପରେ ବିଜେପିର ୩ ଜଣ ବିଧାୟକ ହେଲେ ।୧୯୯୬ ଉପନିର୍ବାଚନ ପରେ ବିଜେପିର ୧୦ ଜଣ ବିଧାୟକ ହେଲେ ।୧୯୮୫ରେ ୦.୮% ଭୋଟ୍ ଥିବା ବିଜେପିକୁ ୧୯୯୭ରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୧୭% ଭୋଟ୍‌ରେ ପହଞ୍ଚାଇବା ତାଙ୍କର ସଫଳ ନେତୃତ୍ୱର ପରାକାଷ୍ଠା । ବିଜୁ ବାବୁ ବଞ୍ଚିଥିବା ଅବସ୍ଥାରେ ପୂର୍ବତନ ମନ୍ତ୍ରୀ ଅଦୈତ ପ୍ରସାଦ ସିଂହଙ୍କ ସହିତ କଥା ହୋଇ ଅନୁଗୁଳରେ ଜନତା ଦଳ ସହିତ ଅଘୋଷିତ ମେଣ୍ଟ କଲେ ଡାକ୍ତର ବାବୁ । ଜିଲ୍ଲା ପରିଷଦରେ ଅଧ୍ୟକ୍ଷ ପଦ - ଜନତା ଦଳ ଓ ଉପାଧ୍ୟକ୍ଷ ପଦ ଆସିଲା ବିଜେପି ହାତକୁ । ଡାକ୍ତର ବାବୁଙ୍କ ଏହି ରଣନୀତି ଓଡ଼ିଶାର ଅଣକଂଗ୍ରେସ ମେଣ୍ଟ ରାଜନୀତି ପାଇଁ ମୂଳଦୁଆ ପକାଇଲା । ରାଜ୍ୟରେ ବିଜୁ ଜନତା ଦଳ ପ୍ରତିଷ୍ଠା ହୋଇ ବିଜେପି ସହିତ ମେଣ୍ଟ କରାଗଲା । ଡାକ୍ତର ବାବୁ ଦେବଗଡ଼ରୁ ଲୋକସଭାକୁ ସାଂସଦ ଭାବରେ ନିର୍ବାଚିତ ହୋଇ ଓଡ଼ିଶାର ପ୍ରଥମ ମନ୍ତ୍ରୀ ଭାବରେ ଅଟଳ ବିହାରୀ ବାଜପେୟୀଙ୍କ ମନ୍ତ୍ରିମଣ୍ଡଳରେ କେନ୍ଦ୍ର ଭୂପୃଷ୍ଠ ପରିବହନ ଓ ପରେ କୃଷି ବିଭାଗର ରାଷ୍ଟ୍ର ମନ୍ତ୍ରୀ ଭାବରେ କରିଯାଇଥିବା କାର୍ଯ୍ୟ ହିଁ ତାଙ୍କର ପ୍ରଶଂସା ପତ୍ର ।

ଓଡ଼ିଶାରେ ୧୬୦୦ କିମି ଜାତୀୟ ରାଜପଥ ଥିଲା । ଡାକ୍ତର ବାବୁ ମନ୍ତ୍ରୀ ହେଲା ପରେ ଆଉ ୧୬୦୦ କିମି ଜାତୀୟ ରାଜପଥ ମଞ୍ଜୁର କରାଇ ଇତିହାସ ରଚିଲେ ।୧୯୯୯ରେ ଚଣ୍ଡିଖୋଲରୁ କନକତୋରା ୪୨୮ କିମି, ବରଗଡ଼ରୁ ବୋରିଗୁମ୍ମା ୩୨୦ କିମି, ଗୋପାଳପୁରରୁ ରାୟପୁର ୩୩୩ କିମି, ପାଣିକୋଇଲିରୁ ରାଜାମୁଣ୍ଡା ୨୬୯ କିମି, ପୁରୀରୁ ଭୁବନେଶ୍ୱର ୫୯ କିମି ଜାତୀୟ ରାଜପଥ ନିର୍ମାଣ କରି ଓଡ଼ିଶାର ବିକାଶର ନୂଆ ଅଧ୍ୟାୟ ଲେଖିଥିଲେ ଡାକ୍ତର ବାବୁ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବଡ଼ଦାଣ୍ଡ ବି ହେଲା ଜାତୀୟ ରାଜପଥ । ଓଡ଼ିଶାର ଜାତୀୟ ରାଜପଥ ବିକାଶରେ ସେ ହେଉଛନ୍ତି ବିନ୍ଧାଣି । ରାଜ୍ୟରେ ଏନଏଚକୁ ଦ୍ୱିଗୁଣିତ କରିବା ସହିତ ଅଟଳ ବିହାରୀ ବାଜପେୟୀଙ୍କ 'ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନା'କୁ କ୍ରିୟାନ୍ୱୟନ କରିବାରେ ସେ ଗ୍ରହଣ କରିଥିଲେ ପ୍ରମୁଖ ଭୂମିକା ।

ଡାକ୍ତର ବାବୁ ପ୍ରଶଂସା ପ୍ରିୟ ନଥିଲେ କି ପ୍ରଚାର ପ୍ରିୟ ନଥିଲେ । ଆତ୍ମ ବିଜ୍ଞାପନରେ ବିଶ୍ୱାସ କରୁନଥିଲେ । ଓହାଡ଼ ଭିତରେ ରହି ନିହାଣରେ ନିର୍ମାଣ କରିବାକୁ ପସନ୍ଦ କରୁଥିଲେ । ସ୍ୱଳ୍ପ ସମୟ କେନ୍ଦ୍ର କୃଷି ମନ୍ତ୍ରୀ ଥିବା ବେଳେ ରାଜ୍ୟରେ ୨୮ ଟି କୃଷି ବିଜ୍ଞାନ କେନ୍ଦ୍ର ସ୍ଥାପନ କରିବା ସହ ଛତୁ, କୁକୁଡ଼ା ଓ ଉଦ୍ୟାନ ଚାଷରେ ବିପ୍ଳବ ଆଣିଥିଲେ ।

୧୯୯୯ ମହାବାତ୍ୟା ସମୟରେ ଡାକ୍ତର ବାବୁଙ୍କ ସେବା କରିବାର ମାନସିକତା ଓ ସମ୍ବେଦନଶୀଳତା ତାଙ୍କ କାର୍ଯ୍ୟ ତତ୍ପରତାରୁ ପ୍ରମାଣିତ ହୋଇଥିଲା ।ସେତେବେଳେ ରାଜ୍ୟରେ କଂଗ୍ରେସ ସରକାର ଏକ ପ୍ରକାର ସ୍ଥାଣୁ ଅବସ୍ଥାରେ ଥିଲା । ଡାକ୍ତର ପ୍ରଧାନ ନିଜେ ବାତ୍ୟାଞ୍ଚଳ ଗସ୍ତ କରି କ୍ଷୟକ୍ଷତିର ବାସ୍ତବ ଚିତ୍ରକୁ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ବାଜପେୟୀଙ୍କ ପାଖରେ ଉପସ୍ଥାପନ କରିବାରେ ସଫଳ ହୋଇଥିଲେ ।ସେଥିପାଇଁ ବାଜପେୟୀଜୀ କହିଥିଲେ- "ଓଡ଼ିଶାର ବିକାଶ ପାଇଁ ଅର୍ଥର ଅଭାବ ରହିବ ନାହିଁ" ।ପରେ ତାହା ହିଁ ହେଲା ।

୧୯୪୧ ଜୁଲାଇ ୧୬ରେ ଅବିଭକ୍ତ ଢେଙ୍କାନାଳ ଜିଲ୍ଲା କଣିହାଁ ବ୍ଲକ ନାଲମ ଗ୍ରାମରେ ଜନ୍ମ ହୋଇଥିଲେ ଡାକ୍ତର ବାବୁ । ଯେଉଁଦିନ ୬୦ ବର୍ଷ ପୂରିଲା, ସେଇଦିନ ରାଜନୀତିରୁ ଅବସର ନେଲେ । ଜୀବନର ଅବଶିଷ୍ଟ ୨୩ ବର୍ଷ ଶିକ୍ଷା, ସେବା, ସାମାଜିକ ଓ ଦେଶସେବା କାର୍ଯ୍ୟ ପାଇଁ ଯୁବକମାନଙ୍କୁ ପ୍ରୋତ୍ସାହିତ କଲେ ।ଜୀବନର ପ୍ରଥମ ୨୦ ବର୍ଷ ଲଗାଇଲେ ନିଜକୁ ଗଢ଼ିବାରେ, ଦ୍ୱିତୀୟ ୨୦ ବର୍ଷ ଲଗାଇଲେ ରୋଜଗାରରେ, ତୃତୀୟ ୨୦ ବର୍ଷ ଲଗାଇଲେ ଦେଶସେବା ବା ରାଜନୀତିରେ ।

ଆରଏସଏସ୍ ଶାଖାରୁ ନ ଆସି ବିଜେପି ନେତା ଭାବରେ ତାଙ୍କ ଆଚରଣରେ ଦେଖାଯାଉଥିଲା ରାଷ୍ଟ୍ରବାଦୀ ବିଚାର । ଡାକ୍ତରୀ ସେବାରୁ ରାଜନୀତିକୁ ଆସି ସେ ହୋଇଗଲେ ସଫଳ ରାଜନେତା । ପ୍ରଶାସନିକ ଅଭିଜ୍ଞତା ନଥାଇ ମନ୍ତ୍ରୀ ହୋଇ ଅଳ୍ପ ସମୟ ମଧ୍ୟରେ ହାସଲ କଲେ ଅଭୁତପୂର୍ବ ସଫଳତା ।ଓଡ଼ିଶାବାସୀଙ୍କ ଆଶୀର୍ବାଦରେ ତାଙ୍କ ନେତୃତ୍ୱରେ ଗଢ଼ା ହୋଇଥିବା ଦଳ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସରକାର ଗଠନ କଲା ଓ ଓଡ଼ିଶାରୁ ୨୦ ଜଣ ସାଂସଦ ନିର୍ବାଚିତ ହେଲେ ।

ସେ ପଛରେ ଠିଆ ହୋଇ ଯୁବ କାର୍ଯ୍ୟକର୍ତ୍ତାଙ୍କୁ ଆଗକୁ ବଢାଉଥିଲେ। ଦୁଇଥର ରାଜ୍ୟ ସଭାପତି ହେଲା ପରେ ରାଜ୍ୟ ସାଧାରଣ ସମ୍ପାଦକ ଦାୟିତ୍ୱ ତୁଲାଇବାକୁ ପଛାଇ ନଥିଲେ । ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଲା ପରେ ପ୍ରତିବାଦ କରିନାହାନ୍ତି କି ବିଦ୍ରୋହ କରିନାହାନ୍ତି, ବରଂ ଶୃଙ୍ଖଳିତ ସୈନିକଟିଏ ଭଳି ନିଷ୍ଠାର ସହିତ ଦଳ କାର୍ଯ୍ୟରେ ଲାଗିପଡ଼ିଛନ୍ତି ।ରାଷ୍ଟ୍ରୀୟ ଉପସଭାପତି ଭାବରେ ଝାଡ଼ଖଣ୍ଡର ପ୍ରଭାରୀ ହେଲେ ।ସେ ଦୃଢ଼ ଭାବରେ କହୁଥିଲେ - ଆମର କାହା ସହିତ ବ୍ୟକ୍ତିଗତ ଲଢ଼େଇ ନାହିଁ, ଆମ ଲଢ଼େଇ ସାମାଜିକ ପରିବର୍ତ୍ତନ ଓ ରାଷ୍ଟ୍ରବାଦର ପ୍ରତିଷ୍ଠା ପାଇଁ । ବିରୋଧୀ ଦଳର ନେତାମାନଙ୍କୁ ବ୍ୟକ୍ତିଗତ ଭାବରେ ସେ ଆଦର କରୁଥିଲେ । ତାଙ୍କ ରାଜନୈତିକ ଜୀବନରେ କାହା ଉପରେ ବ୍ୟକ୍ତିଗତ ଆକ୍ଷେପ କରିବାର ନଜିର ନାହିଁ । ସେ ଥିଲେ ସ୍ୱଚ୍ଛ, ନିର୍ମଳ, ନିଷ୍କଳଙ୍କ ତଥା ନିର୍ବିବାଦୀୟ ଜନନେତା । କେନ୍ଦ୍ରୀୟ ନେତା କୁଶାଭାଓ ଠାକରେ, କୈଳାସପତି ମିଶ୍ର, ବଂଶୀଲାଲ ସୋନିଙ୍କ ମାର୍ଗଦର୍ଶନରେ ସେ ଦଳୀୟ କାର୍ଯ୍ୟକୁ ବିସ୍ତାର କରିବାରେ ସଫଳ ହୋଇଥିଲେ । ଭାରତୀୟ ଜନତା ପାର୍ଟିର ପଞ୍ଚନିଷ୍ଠାକୁ ସଦାସର୍ବଦା ଅନୁପାଳନ କରୁଥିଲେ । ସେ ଥିଲେ ଆତ୍ମ-ଅନୁଶାସିତ, ବିଚାରନିଷ୍ଠ । କଥା କମ୍ କହୁଥିଲେ ମାତ୍ର ଯୋଜନାକୁ ସଠିକ୍ କ୍ରିୟାନ୍ୱୟନ କରୁଥିଲେ। "ସଠିକ୍ ମାର୍ଗ, ସ୍ପଷ୍ଟ ନୀତି" - ଭାରତୀୟ ଜନତା ପାର୍ଟିର ଏହି ସ୍ଲୋଗାନକୁ ତାଙ୍କ ଜୀବନରେ ପ୍ରୟୋଗ କରିଥିଲେ । ବିଜୟ ତାଙ୍କୁ ଅହଂକାରୀ କରିନଥିଲା କି ପରାଜୟର ଗ୍ଲାନି ତାଙ୍କୁ ସ୍ପର୍ଶ କରିପାରିନଥିଲା ।

ଡାକ୍ତର ପ୍ରଧାନ ଥିଲେ ଜଣେ ଅମାୟିକ, ମେଳାପୀ, ନମ୍ର ଓ ଦୃଢ଼ମନା ରାଜନେତା ।ପରିବାର, ସଂଗଠନ, ସମାଜ ଓ ରାଷ୍ଟ୍ର ପାଇଁ ନିଜର କର୍ତ୍ତବ୍ୟ କରିଚାଲିଥିଲେ ଅନ୍ତିମ କ୍ଷଣ ପର୍ଯ୍ୟନ୍ତ । କ୍ଷମତାରେ ନୁହେଁ ମମତାରେ, ଭାଷଣରେ ନୁହେଁ, ଆଚରଣରେ ବାନ୍ଧିବାରେ ସେ ଥିଲେ ସଫଳ ବିନ୍ଧାଣି । ନୀରବତା ଭିତରେ ପ୍ରତିଧ୍ୱନିତ ହେଉଛି ବଞ୍ଚିବା ଓ ଲଢ଼ିବାର ଉପକ୍ରମ। ତାଙ୍କୁ ଜାଣୁଥିବା ଲୋକେ କହୁଛନ୍ତି - ଡାକ୍ତର ବାବୁ ବାସ୍ତବରେ "ସିଦ୍ଧପୁରୁଷ" ।

**ରାଜ୍ୟ ସମ୍ପାଦକ, ବିଜେପି, ଓଡ଼ିଶା**
**୯୪୩୭୦୦୬୬୪୦**

# ମୋହନ: କେତେ ଲାଭ, କେତେ କ୍ଷତି ?

ନୂଆପଡ଼ା ଉପନିର୍ବାଚନରେ ବିଜେପି ଏକପାଖିଆ ବାଜିମାତ୍ କଲା ।ଏହାର ଶ୍ରେୟ ସରକାରର ମୁଖ୍ୟ ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଯିବା ସ୍ୱାଭାବିକ । ସେଠାକାର ଆଦିବାସୀ ଭୋଟରଙ୍କୁ ଟାଣିବାରେ ମୋହନଙ୍କ ଛବି ଏକ ବଡ଼ ଭୂମିକା ଗ୍ରହଣ କରିଥିଲା । ମୁଖ୍ୟମନ୍ତ୍ରୀ ଭାବେ ଉପନିର୍ବାଚନର ସାମ୍ନା କରିବା ବି ପ୍ରଥମ ଥିଲା । ତଥାପିବି ପ୍ରଥମ ମ୍ୟାଚରେ ସେ ଦମଦାର ପ୍ରଦର୍ଶନ କରି ନିଜର ଧାକ୍ ଦେଖାଇଥିଲେ । ଏହାଥିଲା ତାଙ୍କର ରାଜନୀତିକ ଲାଭ ।



ହେଲେ ଟିକିଏ କେଁ ବି ରହିଥିଲା । କେଁଟି ହେଉଛି, ନୂଆପଡ଼ାରେ ବିଜେପି ନିଜ ଦଳୀୟ ନେତାଙ୍କ ଉପରେ ଭରସା କରିନଥିଲା । ବସନ୍ତ ପଣ୍ଡା, ଅଭିନନ୍ଦନ ପଣ୍ଡା, ଯଦୁମଣି ପାଣିଗ୍ରାହୀ କିମ୍ବା ପ୍ରସନ୍ନ ପଣ୍ଡାଙ୍କୁ ଟିକେଟ ନଦେଇ ଦଳ ପୋଚିଂ କରିଥିଲା । ବିଜେଡ଼ିର ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ଦଳ କୌଶଳକ୍ରମେ ନିଜ ପଟକୁ ନେବା ନିଶ୍ଚିତ ଭାବେ ରାଜନୀତିକ ରଣନୀତି ଓ କୌଶଳର ଅଂଶବିଶେଷ । କିନ୍ତୁ ଯଦି ଦଳର ମୂଳ ନେତାଙ୍କୁ ପ୍ରାର୍ଥୀ କରି ବିଜେପି ବାଜିମାତ୍ କରିଥା'ନ୍ତା ତେବେ ମୋହନଙ୍କ କ୍ରେଜ୍ ଆହୁରି ବଢ଼ି ଯାଇଥା'ନ୍ତା ।

ଏବେ ରାଜ୍ୟସଭା ନିର୍ବାଚନରେ ବିଜେପିର ଦୁଇ ଓ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କ ବିଜୟବି ମୋହନଙ୍କୁ ଚର୍ଚ୍ଚାରେ ରଖିଛି ।ମୋହନଙ୍କ ପାଇଁ ଏହା ଥିଲା ଆଉ ଏକ ପରୀକ୍ଷା । ବିଜେଡ଼ି ଓ କଂଗ୍ରେସର ୧୧ ବିଧାୟକ କ୍ରସଭୋଟିଂ କରିବା ଛୋଟିଆ କଥା ନୁହେଁ । ହେଲେ ଏଥିରେ ବି ରହିଛି କେଁ । କାହିଁକିନା ଏହାର ସବୁଶ୍ରେୟ ମୋହନ ବା ମନମୋହନଙ୍କ ପାଖକୁ ଯାଇପାରୁନାହିଁ । ଯଦି ବିଜେପି ଦଳୀୟ ପ୍ରାର୍ଥୀ ଦେଇ ଜିତାଇ ପାରିଥାନ୍ତା ତେବେ ମୋହନ-ମନମୋହନଙ୍କ ରଣନୀତି ଆହୁରି ଚର୍ଚ୍ଚିତ ହୋଇଥା'ନ୍ତା । ଦଳ ଶେଷକୁ ଦିଲ୍ଲୀପ ରାୟଙ୍କ ଉପରେ ହିଁ ଭରସା କରିବାକୁ ବାଧ୍ୟ ହୋଇଥିଲା । ଆଉ ଯଦି ବିଜୟ ମହାପାତ୍ର ଓ ଦିଲ୍ଲୀପ ରାୟଙ୍କ ମନ୍ତବ୍ୟକୁ ଅନୁଶୀଳନ କରିବା ତେବେ ଦିଲ୍ଲୀପଙ୍କ ପ୍ରାର୍ଥୀତ୍ୱରେ ମୋହନ-ମନମୋହନଙ୍କର ଯେତିକି ଭୂମିକା ନାହିଁ ତା'ଠୁ ଅଧିକ ଭୂମିକା ବିଜୟ ଓ ଦିଲ୍ଲୀପଙ୍କର ରହିଛି । କାହିଁକିନା ବିଜୟ କହିଥିଲେ, ଏହା ୩ ମାସ ତଳର ଯୋଜନା ଥିଲା । ଯେତେବେଳେକି ଦୁଇମାସ ହେଲା ସେ ହୋମୱାର୍କ କରୁଥିଲେ ବୋଲି ଦିଲ୍ଲୀପ ବି କହିଛନ୍ତି । ଯଦି ଦିଲ୍ଲୀପ-ବିଜୟଙ୍କ କଥା ସତ ହୁଏ ତେବେ ଯୋଜନା ସେମାନଙ୍କର, କାର୍ଯ୍ୟାନ୍ୱୟନ ମୋହନ-ମନମୋହନଙ୍କର କହିଲେ ଭୁଲ୍ ହେବନାହିଁ । ଏହାଦ୍ୱାରା ବିଜେପି ଅପେକ୍ଷା ବିଜୟ-ଦିଲ୍ଲୀପଙ୍କର ରାଜନୀତିକ ଫାଇଦା ଅଧିକ ବୋଲି କୁହାଯାଇପାରିବ ।

ସେହିପରି ଅତୀତରେ ଜାନକୀବାବୁ ମୁଖ୍ୟମନ୍ତ୍ରୀ ଥିବା ସମୟରେ କ୍ରସଭୋଟିଂ କରି ନିଜ ଦଳୀୟ ପ୍ରାର୍ଥୀଙ୍କୁ ଜିତାଉଥିଲେ । ୧୯୯୮ରେ ବି ଘୋଡ଼ାବେପାର ହୋଇଥିଲା । ବିଜେଡ଼ି ପ୍ରାର୍ଥୀ ଏସ୍ସୁ ସିଂହଦେଓ ସେତେବେଳେ ସୁପ୍ରିମକୋର୍ଟକୁ ଯାଇ ଜାନକୀଙ୍କୁ କାଠଗଡ଼ାକୁ ଟାଣିଥିଲେ ।୨୦୦୨ରେ ବି ବିଜେଡ଼ି ଅମଳରେ କ୍ରସଭୋଟିଂ ହୋଇଥିଲା । ଦିଲ୍ଲୀପ ରାୟ ସେତେବେଳେ ପ୍ରାୟ ୧୪ ବିଜେଡ଼ି ବିଧାୟକଙ୍କୁ କ୍ରସଭୋଟିଂ କରାଇଥିଲେ । ଖାଲି ସେତିକିନୁହେଁ ବିଜେପିର ୮ ଜଣ, କଂଗ୍ରେସର ୨ ଜଣ ଓ ଜଣେ ଜେଏମଏମ ଏବଂ ଜଣେ ସ୍ୱାଧୀନ ବିଧାୟକ ବି ତାଙ୍କୁ ସମର୍ଥନ କରିଥିଲେ । କିନ୍ତୁ ସେହି ସମୟରେ ଘୋଡ଼ାବେପାରକୁ ନେଇ ଏତେ ଚର୍ଚ୍ଚାନଥିଲା । କାହିଁକିନା ମିଡ଼ିଆ, ସୋସିଆଲ ମିଡ଼ିଆରେ ଲୋକେ ଏତେ ସକ୍ରିୟ ନଥିଲେ । କେବଳ ରାଜନୀତିରେ ରୁଚି ରଖୁଥିବା ଆଗଧାଡ଼ିର ଲୋକମାନେ ତାହା ଉପରେ ନଜର ପକାଉଥିଲେ । କିନ୍ତୁ ଏବେ ଲକ୍ଷ ଲକ୍ଷ ଲୋକଙ୍କର ରାଜ୍ୟସଭା ନିର୍ବାଚନ ଉପରେ ନଜର ଥିଲା ।ଘୋଡ଼ାବେପାର କ'ଣ ବୋଲି ପଚାରୁ ବୁଝୁଥିଲେ ।'ଘୋଡ଼ାବେପାର' ନିର୍ବାଚନ ଜିଣିବାର ଅସ୍ତ୍ର ହୋଇଥିଲେବି ଏହାକୁ ସାଧାରଣ ଲୋକ ପସନ୍ଦ କରନ୍ତି ନାହିଁ । ତେଣୁ ଜାନକୀବାବୁ ଘୋଡ଼ାବେପାରରେ ଯେତିକି ଅପବାଦ ପାଇନଥିଲେ ତା'ଠୁ ଅଧିକ ଅପବାଦ ମୋହନ ମୁଣ୍ଡାଇବା ନିଶ୍ଚିତ ।

ଗର୍ବିତ ଓଡ଼ିଆ

# ନିଶିଙ୍କ ବିଷୟରେ ଅଜଣା କଥା

ନୀତିଶ କୁମାର ରାଜ୍ୟସଭାକୁ ଯିବା, ରାଜ୍ୟ ରାଜନୀତିରୁ ଅପସରି ଯାଇ ପୁଅଙ୍କୁ ରାଜନୀତିକୁ ଆଣିବା ଘଟଣା ସ୍ୱାଭାବିକ ଭାବେ ଚର୍ଚ୍ଚା ସୃଷ୍ଟିକରିଛି । ନୀତିଶଙ୍କ ପୁଅ ନିଶାନ୍ତଙ୍କ ବୟସ ୫୦ ଟପିଗଲାଣି । ହେଲେ ବିହାରର ଅନ୍ୟ ନେତାଙ୍କ ପୁଅ ଭଳି ସେ କିନ୍ତୁ ରାଜନୀତିକୁ ଆସିନଥିଲେ । ଶ୍ରଦ୍ଧାରେ ତାଙ୍କୁ ନିଶି ଡାକନ୍ତି । ସେ ତାଙ୍କ ମାଆ ତଥା ଶିକ୍ଷୟିତ୍ରୀ ମଞ୍ଜୁ ସିହ୍ନାଙ୍କ ପାଖରେ ହିଁ ରହୁଥିଲେ । ପ୍ରଥମେ ସେ ସେଣ୍ଟ କାରେନ ସ୍କୁଲରେ ନାମ ଲେଖାଇଥିଲେ । କିନ୍ତୁ ଜଣେ ଶିକ୍ଷକ ତାଙ୍କୁ ମାଡ଼ ମାରିବାରୁ



ନୀତିଶ ତାଙ୍କ ପୁଅଙ୍କୁ ମଶୋରୀର ବୋର୍ଡ଼ିଂ ସ୍କୁଲ୍‌କୁ ନେଇ ଯାଇଥିଲେ । ସବୁଠାରୁ ମଜାର କଥା ହେଉଛି, ୧୯୯୯ରେ ନୀତିଶ କୁମାର ଥିଲେ ରେଳମନ୍ତ୍ରୀ । ସେହି ସମୟରେ ନିଶି ତାଙ୍କ ସ୍କୁଲ ସାଙ୍ଗଙ୍କ ସହ ଟ୍ରେନରେ ଆରଏସିରେ ଯାତ୍ରା କରିଥିଲେ। ସେ ନିଜ ପରିଚୟ ଦେବାକୁ ବି ଉଚିତ୍ ମନେ କରିନଥିଲେ । ୨୦୦୨ରେ ସେ ବିଟେକ କରିବା ପରେ ତାଙ୍କ ମାଆ ଓ ଆଈଙ୍କ ପାଖରେ ରହୁଥିଲେ। ତେବେ ୨୦୦୭ରେ ତାଙ୍କ ମାଆ ଆରପାରିକୁ ଚାଲିଯିବା ପରେ ସେ ମୁଖ୍ୟମନ୍ତ୍ରୀଙ୍କ ନିବାସକୁ ଆସିଥିଲେ ।

# ୨୦୦୨ ଓ ୨୦୨୬: କିଛି ସମାନତା

**୨୦୦୨ ଓ ୨୦୨୬ରେ ଦିଲ୍ଲୀପ ରାୟ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ । ସେତେବେଳେ ବିଜେପି ଦିଲ୍ଲୀପଙ୍କୁ ସହଯୋଗ କରିଥିଲା । ଆଉ ଏଥର ବି ଜିତାଇବା ପାଇଁ ଲାଗି ପଡ଼ିଥିଲା । ସେହି ସମୟରେ ବିଜେଡ଼ି ଓ କଂଗ୍ରେସ ବିଧାୟକମାନେ ଦିଲ୍ଲୀପଙ୍କ ପାଇଁ କ୍ରସଭୋଟିଂ କରିଥିବାବେଳେ ୨୦୨୬ରେ ବି ସମାନ ଚିତ୍ର ଦେଖିବାକୁ ମିଳିଥିଲା ।**

## ଦିଲ୍ଲୀପ ସ୍ୱାଧୀନ, ବିଜେପିର ସମର୍ଥନ; କ୍ରସ୍ ଭୋଟିଂ

### କଂଗ୍ରେସ-ବିଜେଡ଼ି ବୁଝାମଣା

ସେଇ ଦିଲ୍ଲୀପ ରାୟ, ସେଇ ବିଜେଡ଼ି-କଂଗ୍ରେସ୍ । ୨୦୦୨ରେ ଯେଉଁ ଚିତ୍ର, ୨୦୨୬ରେ ବି ସେଇ ଚିତ୍ର । ନବୀନଙ୍କୁ ଚ୍ୟାଲେଞ୍ଜ କରି ସେତେବେଳେ ଦିଲ୍ଲୀପ ରାୟ ରାଜ୍ୟସଭା ପ୍ରାର୍ଥୀ ହୋଇଥିଲେ। ସେହି ସମୟରେ ବିଜେଡ଼ିରୁ ସୁଶ୍ରୀ ଦେବୀ ଓ ପ୍ରମିଳା ବହିଦାର ଏବଂ କଂଗ୍ରେସରୁ ମୋରିସ କୁଜୁର ପ୍ରାର୍ଥୀ ହୋଇଥିଲେ। ଦିଲ୍ଲୀପଙ୍କୁ ହରାଇବା ପାଇଁ ନବୀନ ବାବୁ କଂଗ୍ରେସ ସହ ଭିତିରିଆ ବୁଝାମଣା କରିଥିଲେ। ବୁଝାମଣାଟି ହେଉଛି, କୁଜୁରଙ୍କୁ ବିଜେଡ଼ି ତାହାର ବଳକା ଭୋଟ୍ ଦେବ। ହେଲେ କଂଗ୍ରେସ ବିଧାୟକମାନେ ଯେଭଳି ଦିଲ୍ଲୀପଙ୍କୁ ଭୋଟ୍ ନଦିଅନ୍ତି ତାହାର ଦାୟିତ୍ୱ କଂଗ୍ରେସ ନେବ । କିନ୍ତୁ ସେତେବେଳେ ବିଜେଡ଼ିର ପ୍ରାୟ ୧୪ ବିଧାୟକ ଦିଲ୍ଲୀପଙ୍କ ସପକ୍ଷରେ କ୍ରସ ଭୋଟିଂ କରିଥିଲେ।



### ସୁଶ୍ରୀ ଦେବୀ ଓ ପ୍ରତାପ ଦେବ

୨୦୦୨ରେ ବିଜେଡ଼ିରୁ ଲଢ଼ିଥିଲେ ସୁଶ୍ରୀ ଦେବୀ। ଅର୍ଥାତ୍ ଦିଲ୍ଲୀପଙ୍କ ସହ ସେ ବି ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ। ଦିଲ୍ଲୀପଙ୍କୁ କିଭଳି ବିଜେଡ଼ି ଭୋଟ୍ ନଯିବ ସେକଥା। ସେ ଚାହିଁବା ସ୍ୱାଭାବିକ। ଏବେ ତାଙ୍କ ପୁଅ ପ୍ରତାପ ଦେବ, ଯଦିଓ ନିର୍ବାଚନ ଲଢୁନଥିଲେ ତଥାପିବି ରାଜ୍ୟସଭା ନିର୍ବାଚନର ଏଜେଣ୍ଟ ଥିଲେ। ଦିଲ୍ଲୀପଙ୍କୁ କ୍ରସଭୋଟ୍ କରିଥିବା ବିଧାୟକଙ୍କ ଭୋଟକୁ ସେ ଚ୍ୟାଲେଞ୍ଜ କରୁଥିଲେ ।

ଗର୍ବିତ ଓଡ଼ିଆ
ODIA WEEKLY GARVIT ODIA

### ମନମୋହନ ବିଜେପି ସଭାପତି

୨୦୦୨ ରାଜ୍ୟସଭା ନିର୍ବାଚନ ବେଳେ ମନମୋହନ ସାମଲ ଥିଲେ ବିଜେପିର ରାଜ୍ୟ ସଭାପତି। ସେହି ସମୟରେ ଦିଲ୍ଲୀପ ସ୍ୱାଧୀନ ଲଢ଼ି ଜିତିଥିଲେ। ଏବେବି ମନମୋହନ ରାଜ୍ୟ ସଭାପତି ଥିବାବେଳେ ଦିଲ୍ଲୀପଙ୍କ ସହ ସାଥି ହୋଇ ସେ ବି ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି।

### ପ୍ରଭାତ ଓ ଦେବୀ

୨୦୦୨ ରାଜ୍ୟସଭା ନିର୍ବାଚନରେ ଦିଲ୍ଲୀପ ରାୟଙ୍କ ମଙ୍ଗ ଧରିଥିଲେ ପ୍ରଭାତ ତ୍ରିପାଠୀ । ସେତେବେଳେ ନବୀନଙ୍କୁ ଅବଜ୍ଞା କରି କ୍ରସ୍ ଭୋଟିଂ କରିଥିଲେ । ୨୦୨୬ରେ ତାଙ୍କ ପୁଅ ଦେବୀ ରଞ୍ଜନ ତ୍ରିପାଠୀ ନବୀନଙ୍କ ହ୍ୱିପକୁ ନମାନି ଦିଲ୍ଲୀପଙ୍କୁ କ୍ରସଭୋଟିଂ କରିଛନ୍ତି ।

## ଓଡ଼ିଶାରୁ ଦୁଇ ସ୍ୱାଧୀନ ପ୍ରାର୍ଥୀ

### ଶ୍ୟାମ ସୁନ୍ଦର ମହାପାତ୍ର



ଶ୍ୟାମ ସୁନ୍ଦର ମହାପାତ୍ର ଓଡ଼ିଶାରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ୧୯୮୦ ମସିହାରେ ରାଜ୍ୟସଭା ନିର୍ବାଚନ ଜିତିଥିଲେ। ସେତେବେଳେ କଂଗ୍ରେସର ଅନୁକୂଳ୍ୟ ଏବଂ ବିଧାୟକମାନଙ୍କ ସମର୍ଥନରେ ସେ ଜିତିଥିଲେ ଏବଂ ଜୁଲାଇ ୨, ୧୯୮୦ ରୁ ଜୁଲାଇ ୧, ୧୯୮୬ ପର୍ଯ୍ୟନ୍ତ ରାଜ୍ୟସଭା ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ। ରାଜ୍ୟସଭାରେ ତାଙ୍କର ପ୍ରଦର୍ଶନ ଉଲ୍ଲେଖନୀୟ ଥିଲା; ସେ ବିଦେଶ ନୀତି, ଆନ୍ତର୍ଜାତିକ ସମ୍ପର୍କ ଏବଂ କଂଗ୍ରେସ ପାର୍ଟିର ପ୍ରଚାରରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ପରେ ସେ ଅଲ୍ ଇଣ୍ଡିଆ କଂଗ୍ରେସ କମିଟିର ଜେନେରାଲ ସେକ୍ରେଟାରୀ ହୋଇ ପୂର୍ବ ଭାରତର ପ୍ରଥମ ବ୍ୟକ୍ତି ଭାବେ ଏହି ଦାୟିତ୍ୱ ପାଳନ କରିଥିଲେ।

### ଦିଲୀପ ରାୟ

ଦିଲୀପ ରାୟ ୨୦୦୨ ମସିହାରେ ବିଜୁ ଜନତା ଦଳରୁ ବହିଷ୍କୃତ ହୋଇ ସ୍ୱାଧୀନ ପ୍ରାର୍ଥୀ ଭାବେ ରାଜ୍ୟସଭା ନିର୍ବାଚନ ଜିତିଥିଲେ। ସେତେବେଳେ ବିଜେଡି ଏବଂ ବିଜେପି ବିଧାୟକମାନଙ୍କ କ୍ରସ୍-ଭୋଟିଂ ଯୋଗୁଁ ସେ ଜିତିଥିଲେ; ପ୍ରାୟ ୧୫ ଜଣ ବିଜେଡି ବିଧାୟକ ଦଳୀୟ ନିର୍ଦ୍ଦେଶ ଅମାନ୍ୟ କରି ତାଙ୍କୁ ସମର୍ଥନ କରିଥିଲେ ଏବଂ ଏପ୍ରିଲ୍ ୩, ୨୦୦୨ ରୁ ଏପ୍ରିଲ୍ ୨, ୨୦୦୮ ପର୍ଯ୍ୟନ୍ତ ସେ ରାଜ୍ୟସଭାରେ ରହିଥିଲେ। ରାଜ୍ୟସଭାରେ ତାଙ୍କର ପ୍ରଦର୍ଶନ ଭଲ ଥିଲା ଏବଂ ସେ ବିଭିନ୍ନ ପାର୍ଲାମେଣ୍ଟାରୀ କମିଟିରେ ସକ୍ରିୟ ଭାବେ ଯୋଗଦାନ ଦେଇଥିଲେ।



### ୩ ମାସ ଆଗରୁ ଯୋଜନା ହୋଇଥିଲା: ବିଜୟ

# ପଦିଏ କଥା, ଗଦାଏ ପ୍ରଶ୍ନ

ଦିଲ୍ଲୀପ ରାୟ-ବିଜୟ ମହାପାତ୍ରଙ୍କ ସମ୍ପର୍କ ସାରା ଓଡ଼ିଶା ଜାଣିଛି। ଦୁଇ ଭାଇ ଭଳି ସମ୍ପର୍କ। ୨୦୦୨ରେ ଦିଲ୍ଲୀପଙ୍କୁ ଜିତାଇବା ପାଇଁ ବିଜୟ ଯେତିକି ପରିଶ୍ରମ କରିଥିଲେ, ୨୦୨୬ରେ ବି ଜିତାଇବାକୁ ସେମିତି ପରିଶ୍ରମ କରିଛନ୍ତି । ତେବେ ଦିଲ୍ଲୀପଙ୍କ ବିଜୟ ଖୁସିରେ ସେ ଏମିତି ପଦିଏ କଥା କହିଛନ୍ତି, ଯାହାକି ସ୍ୱାଭାବିକ ଭାବେ ଅନେକ ପ୍ରଶ୍ନ ଉଠାଉଛି ।



ଗଣମାଧ୍ୟମକୁ ବିଜୟ କହିଥିଲେ, ଦିଲ୍ଲୀପ ରାୟଙ୍କୁ ରାଜ୍ୟସଭା ପ୍ରାର୍ଥୀ କରିବାକୁ ତିନି ମାସ ପୂର୍ବରୁ ଯୋଜନା ପ୍ରସ୍ତୁତ ହୋଇଥିଲା। ବିଜେଡିରେ ଅସନ୍ତୋଷର ନିଆଁ ଜଳୁଛି। ନେତୃତ୍ୱ ଉପରେ ଜମାରୁ ବିଶ୍ୱାସ ନାହିଁ। ଆଗକୁ ବଡ ରାଜନୈତିକ ପରିବର୍ତ୍ତନ ହେବ ।

ଅର୍ଥାତ୍ ୩ ମାସ ଧରି ବିଜେଡ଼ି ବିଧାୟକମାନଙ୍କୁ ପୋଚିଂ କରିବାକୁ ଯୋଜନା ହୋଇନଥିଲା ତ? ଏଠାରେ ପାଠକଙ୍କୁ ମନେ ପକାଇଦେବାକୁ ଚାହୁଁ, ଦଳକୁ ଭାଙ୍ଗିବା ପାଇଁ ବିଜୟ ଷଡ଼ଯନ୍ତ୍ର କରୁଛନ୍ତି ବୋଲି ଅଭିଯୋଗ ଆଣି ବିଜେଡ଼ି ସନାତନ ମହାକୁଡ଼ ଓ ଅରବିନ୍ଦ ମହାପାତ୍ରଙ୍କୁ ଦଳରୁ ନିଲମ୍ବିତ କରିଥିଲା ।

ସେହିପରି ଦିଲ୍ଲୀପ ଯଦି ୩ ମାସ ତଳୁ ରାଜ୍ୟସଭାକୁ ଯିବାପାଇଁ ଯୋଜନା କରିଥିଲେ, ତେବେ ଏନେଇ ସେ ବିଜେପିର କେଉଁ ଶୀର୍ଷ ନେତାଙ୍କ ସହ ଯୋଗସୂତ୍ରରେ ଥିଲେ । ରାଜ୍ୟ ସଭାପତି ମନମୋହନ ସାମଲ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏସମ୍ପର୍କରେ ଅବଗତ ଥିଲେକି ? ଦିଲ୍ଲୀ ନେତୃତ୍ୱଙ୍କୁ ଏନେଇ କିଛି ଅବଗତ କରାଯାଇଥିଲାକି? ଏ ପ୍ରଶ୍ନ ଉଠିବା ବି ସ୍ୱାଭାବିକ ।

ସେପଟେ ପିସିସି ସଭାପତି ଭକ୍ତ ଚରଣ ଦାସ କହିଥିଲେଯେ, ଦିଲ୍ଲୀପ ମୋର ଭଲ ବନ୍ଧୁ । ବିଜେଡ଼ି-କଂଗ୍ରେସରୁ ସ୍ୱାଧୀନ ପ୍ରାର୍ଥୀ ହେବାକୁ ସେ ଦିଲ୍ଲୀପଙ୍କୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଦିଲ୍ଲୀପ କିଛି ଉତ୍ତର ଦେଇନଥିଲେ। ବରଂ ସେ ବିଜେପିରୁ ପ୍ରଥମ ପ୍ରାର୍ଥୀ ହେବାକୁ ଚାହିଁଥିଲେ ବୋଲି ଭକ୍ତ କହିଥିଲେ। ଅର୍ଥାତ୍ ଏହା ଭିତରେ କିଛିନା କିଛି ରହସ୍ୟ ଲୁଚି ରହିଥିବା ଅନୁମାନ କରାଯାଇପାରେ।

ବିଜୟଙ୍କ ଭଳି ଦିଲ୍ଲୀପ ବି କହିଛନ୍ତି, ସେ ଦୁଇମାସ ତଳୁ ରାଜ୍ୟସଭା ନିର୍ବାଚନକୁ ନେଇ ହୋମ୍‌ୱାର୍କ କରୁଥିଲେ । ଅର୍ଥାତ୍ ସେବେଠାରୁ ଦିଲ୍ଲୀପ ସ୍ୱାଧୀନ ଭାବେ ଲଢ଼ିଲେ କେଉଁ ବିଜେଡ଼ି କି କଂଗ୍ରେସ ବିଧାୟକମାନେ ଭୋଟ୍ ଦେବେ ତାହାର ତାଲିକା ପ୍ରସ୍ତୁତ କରିଥିଲେ । ଆଉ ସବୁଠାରୁ ବଡ଼କଥାଟି ହେଉଛି, ଦିଲ୍ଲୀପ ଆଉ ପାଞ୍ଚ ଛଅଟି ଭୋଟ୍ ପାଇଁ ବି ଆଶା ରଖିଥିଲେ । ଏସବୁ ରାଜନୀତିକ ଦିଗକୁ ଅନୁଶୀଳନ କଲେ, ଏହା ସ୍ପଷ୍ଟ ହେଉଛିଯେ, ନବୀନଙ୍କ ଅସୁସ୍ଥତା, ମାନସିକ ଦୁର୍ବଳତା, ବିଜେଡ଼ିରେ ନେତୃତ୍ୱ ସଂକଟ, ସାଂଗଠନିକ ଶିଥିଳତାର ସୁଯୋଗ ନେଇ ଭାରତୀୟ ଜନତା ପାର୍ଟି ହିଁ ବିଜେଡ଼ିକୁ ଭାଙ୍ଗିଦେବାକୁ ଚାହୁଁଛି। ଯେଉଁଥିପାଇଁ ଶାହା ରାଜ୍ୟସଭା ନିର୍ବାଚନ ସମ୍ପର୍କରେ ନବୀନଙ୍କ ସହ ଆଲୋଚନା କରିବାକୁ ଉଚିତ୍ ମନେ କରିନଥିଲେ। ବରଂ ଦିଲ୍ଲୀପ କିଭଳି ଜିତିବେ ସେନେଇ ଦଳର ବଡ଼ ନେତାମାନଙ୍କୁ ଦାୟିତ୍ୱ ଦେଇ ଯାଇଥିଲେ। ଧିରେଧିରେ ରାଜନୀତିର ଏହି ଗୋପନ ରହସ୍ୟ ପେଡ଼ି ନିଶ୍ଚିତ ଖୋଲିବ ।

# ଇତିହାସ ରଚିଲେ ଭକ୍ତ

ବିଜେଡ଼ି-କଂଗ୍ରେସରେ କ୍ରସ୍ ଭୋଟିଂ ଯୋଗୁଁ ଡାକ୍ତର ଦତ୍ତେଶ୍ୱର ହୋତା ହାରିଗଲେ। ହେଲେ ପିସିସି ସଭାପତି ଭକ୍ତ ଚରଣ ଦାସ କିନ୍ତୁ ଇତିହାସ ରଚିଲେ। ପ୍ରଥମତଃ ବିଜେଡ଼ି-କଂଗ୍ରେସ ମଧ୍ୟରେ ବୁଝାମଣା କରି ମିଳିତ ପ୍ରାର୍ଥୀ ଦେବାରେ ଭକ୍ତ ସଫଳ ହୋଇଥିଲେ। ଯାହା କେହିକେବେ କଳ୍ପନା ବି କରିନଥିଲେ। ପୁଣି ଏଆଇସିସି ହାଇକମାଣ୍ଡ ମଲ୍ଲିକାର୍ଜୁନ ଖଡ଼ଗେ ମଧ୍ୟ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସହ ଏନେଇ କଥା ହୋଇଥିଲେ।

ଦ୍ୱିତୀୟଟି ହେଉଛି ବେଙ୍ଗାଲୁର ରିସୋର୍ଟରେ କଂଗ୍ରେସ ବିଧାୟକଙ୍କ ରହଣୀ। ଓଡ଼ିଶା ରାଜନୀତିରେ ଅତୀତରେ ଅନେକ ଘୋଡ଼ାବେପାର ହୋଇଛି। କିନ୍ତୁ ରାଜ୍ୟ ବାହାରକୁ ନେଇ ବିଧାୟକମାନଙ୍କୁ ରଖିବାର ନଜିର ନଥିଲା। କର୍ଣ୍ଣାଟକ ସରକାରଙ୍କ ସହଯୋଗରେ ଭକ୍ତ ଦାସ ସେମାନଙ୍କୁ ନେଇ ରିସୋର୍ଟରେ ରଖିଥିଲେ। କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାସ, ରାଜେନ ଏକ୍କା, ଅଶୋକ ଦାସ, ଆପଲା କୁମାର ସ୍ୱାମୀ, ମଙ୍ଗୁ ଖିଲ, ପବିତ୍ର ସାଉଁଟା, ନୀଳମାଧବ ହିକକା, ପ୍ରଫୁଲ୍ଲ ପ୍ରଧାନ ଓ ସତ୍ୟଜିତ ଗମାଙ୍ଗୋ ବେଙ୍ଗାଲୁରରେ ରହିଥିଲେ।



ବିଜେଡ଼ି-କଂଗ୍ରେସ ବୁଝାମଣା

ବେଙ୍ଗାଲୁରୁ ରିସୋର୍ଟରେ କଂଗ୍ରେସ ବିଧାୟକ

# ଓଡ଼ିଆର ପ୍ରଥମ ୯ ରାଜ୍ୟସଭା ସାଂସଦ: ଏକ ଐତିହାସିକ ଦୃଷ୍ଟିକୋଣ

**ଭାରତର ସ୍ୱାଧୀନତା ପରେ ୧୯୫୨ ମସିହାରେ ରାଜ୍ୟସଭାର ପ୍ରଥମ ନିର୍ବାଚନ ହୋଇଥିଲା। ଏହି ନିର୍ବାଚନରେ ଓଡ଼ିଶାରୁ ପ୍ରଥମ ଥର ପାଇଁ ସାଂସଦମାନେ ନିର୍ବାଚିତ ହୋଇ ଭାରତର ଉଚ୍ଚ ସଦନରେ ଓଡ଼ିଶାର ପ୍ରତିନିଧିତ୍ୱ କରିଥିଲେ। ଏହି ପ୍ରଥମ ନଅ ସାଂସଦ ମାନେ ଥିଲେ ଶୈଳବାଳା ଦାସ, ପ୍ରଫୁଲ୍ଲ ଚନ୍ଦ୍ର ଭଞ୍ଜଦେଓ, ବୈଦ୍ୟନାଥ ରଥ, ଜଗନ୍ନାଥ ଦାସ, ସୁରେନ୍ଦ୍ରନାଥ ଦ୍ୱିବେଦୀ, ସୁନ୍ଦର ମୋହନ ହେମ୍ବ୍ରମ, ରାଧାକୃଷ୍ଣ ବିଶ୍ୱାସ ରାୟ, ବୋଧରାମ ଦୁବେ ଏବଂ ସୁରେନ୍ଦ୍ର ମହାନ୍ତି। ଏମାନେ ଭାରତର ସମ୍ବିଧାନ ନିର୍ମାଣ ଏବଂ ରାଷ୍ଟ୍ର ନିର୍ମାଣର ପ୍ରାରମ୍ଭିକ ପର୍ଯ୍ୟାୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଏମାନଙ୍କ ଯୋଗଦାନ ଓଡ଼ିଶାର ରାଜନୈତିକ ଇତିହାସରେ ଏକ ସ୍ୱର୍ଣ୍ଣମୟ ଅଧ୍ୟାୟ ସୃଷ୍ଟି କରିଛି।**

ଶୈଳବାଳା ଦାସ ଓଡ଼ିଶାର ପ୍ରଥମ ମହିଳା ରାଜ୍ୟସଭା ସାଂସଦ ଥିଲେ। ସେ ୧୮୭୫ ମସିହା ମାର୍ଚ୍ଚ ୨୫ ତାରିଖରେ ଜନ୍ମଗ୍ରହଣ କରିଥିଲେ ଏବଂ ୧୯୬୮ ମସିହା ଏପ୍ରିଲ୍ ୨୯ ତାରିଖରେ ପରଲୋକ ପ୍ରାପ୍ତ ହୋଇଥିଲେ। ସେ ଓଡ଼ିଶାର ପ୍ରଥମ ମହିଳା ଥିଲେ ଯିଏ ଉଚ୍ଚଶିକ୍ଷା ପାଇଁ ଇଂଲଣ୍ଡ ଯାଇଥିଲେ। ମଧୁସୂଦନ ଦାସଙ୍କର ଦତ୍ତକ କନ୍ୟା ଥିଲେ ଶୈଳବାଳା। ସେ ହିନ୍ଦୁ ବିଧବାମାନଙ୍କ ପାଇଁ ପ୍ରଶିକ୍ଷଣ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ଏବଂ ଭାରତର ପ୍ରଥମ ମହିଳା ଅନରାରୀ ମାଜିଷ୍ଟ୍ରେଟ୍ ହୋଇଥିଲେ। ସେ ଅଲ୍ ଇଣ୍ଡିଆ ଉଇମେନ୍ସ କନଫରେନ୍ସର ଅନେକ ଶାଖା ପ୍ରତିଷ୍ଠା କରିଥିଲେ ଏବଂ କାଇଜର-ଇ-ହିନ୍ଦ ସ୍ୱର୍ଣ୍ଣ ପଦକ ପ୍ରତ୍ୟାଖ୍ୟାନ କରିଥିଲେ। ସେ ୭୭ ବର୍ଷ ବୟସରେ ରାଜ୍ୟସଭାରେ ପ୍ରବେଶ କରି ଓଡ଼ିଶାର ମହିଳାମାନଙ୍କ ପାଇଁ ଏକ ପ୍ରେରଣା ହୋଇଥିଲେ।

ପ୍ରଫୁଲ୍ଲ ଚନ୍ଦ୍ର ଭଞ୍ଜଦେଓ ମୟୂରଭଞ୍ଜର ରାଜକୁମାର ଥିଲେ। ସେ ୧୯୦୯ ମସିହା ମେ ୨୩ ତାରିଖରେ ଜନ୍ମଗ୍ରହଣ କରିଥିଲେ ଏବଂ ୧୯୫୯ ମସିହା ମାର୍ଚ୍ଚ ୫ ତାରିଖରେ ପରଲୋକ ପ୍ରାପ୍ତ ହୋଇଥିଲେ। ସେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରୁ ଏମ୍.ଏ. ଡିଗ୍ରୀ ହାସଲ କରିଥିଲେ ଏବଂ ଏଫ୍.ଆର୍.ଏ.ଆଇ., ଏଫ୍.ଆର୍.ଏ.ଏସ୍. ସମ୍ମାନ ପାଇଥିଲେ। ସେ ରାଜ୍ୟସଭାରେ ୧୯୫୨-୧୯୫୪ ଏବଂ ୧୯୫୪-୧୯୬୦ ପର୍ଯ୍ୟନ୍ତ ଦୁଇଥର ନିର୍ବାଚିତ ହୋଇଥିଲେ। ସେ ବସ୍ତରର ରାଣୀ ପ୍ରଫୁଲ୍ଲ କୁମାରୀ ଦେବୀଙ୍କୁ ବିବାହ କରିଥିଲେ ଏବଂ ବସ୍ତରର ରାଜା ପ୍ରବୀର ଚନ୍ଦ୍ର ଭଞ୍ଜଦେଓଙ୍କର ପିତା ଥିଲେ। ସେ ରାଜନୀତିରେ ଓଡ଼ିଶାର ରାଜକୀୟ ପରିବାରକୁ ପ୍ରତିନିଧିତ୍ୱ କରି ରାଷ୍ଟ୍ରୀୟ ସ୍ତରରେ ଓଡ଼ିଶାର ସ୍ୱର ଉଠାଇଥିଲେ।

ବୈଦ୍ୟନାଥ ରଥ କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆର ଜଣେ ନେତା ଥିଲେ। ସେ ୧୯୧୧ ମସିହା ଏପ୍ରିଲ୍ ୧୪ ତାରିଖରେ ଜନ୍ମଗ୍ରହଣ କରିଥିଲେ ଏବଂ ୨୦୦୭ ମସିହା ମାର୍ଚ୍ଚ ୨ ତାରିଖରେ ପରଲୋକ ପ୍ରାପ୍ତ ହୋଇଥିଲେ। ସେ ରାଜ୍ୟସଭାରେ ଓଡ଼ିଶାରୁ ୧୯୫୨-୧୯୫୪ ପର୍ଯ୍ୟନ୍ତ ପ୍ରତିନିଧିତ୍ୱ କରିଥିଲେ। ସେ ଲୋକସଭାରେ ପରାଜିତ ହୋଇଥିଲେ କିନ୍ତୁ ରାଜ୍ୟସଭାରେ ନିର୍ବାଚିତ ହୋଇଥିଲେ। ସେ ଓଡ଼ିଶାର କମ୍ୟୁନିଷ୍ଟ ଆନ୍ଦୋଳନର ଏକ ପ୍ରମୁଖ ଚେହେରା ଥିଲେ ଏବଂ ଶ୍ରମିକ ଅଧିକାର ପାଇଁ ଲଢ଼ିଥିଲେ। ସେ ରାଜନୀତିରେ ଓଡ଼ିଶାର ବାମପନ୍ଥୀ ଆନ୍ଦୋଳନକୁ ବଳ ଦେଇଥିଲେ

ଜଗନ୍ନାଥ ଦାସ ଇଣ୍ଡିଆନ୍ ନ୍ୟାସନାଲ୍ କଂଗ୍ରେସର ଜଣେ ନେତା ଥିଲେ। ସେ ରାଜ୍ୟସଭାରେ ୧୯୫୨-୧୯୫୬ ପର୍ଯ୍ୟନ୍ତ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିଲେ। ସେ ଓଡ଼ିଶାର ରାଜନୈତିକ କ୍ଷେତ୍ରରେ ସକ୍ରିୟ ଥିଲେ ଏବଂ କଂଗ୍ରେସ ପାର୍ଟିର ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ। ସେ ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇଥିଲେ ଏବଂ ଓଡ଼ିଶାର ବିକାଶ ପାଇଁ ପ୍ରୟାସ କରିଥିଲେ। ସେ ରାଷ୍ଟ୍ରୀୟ ସ୍ତରରେ ଓଡ଼ିଶାର ସମସ୍ୟାଗୁଡ଼ିକୁ ଉଠାଇଥିଲେ। ସେ ଓଡ଼ିଆ ସମାଜର ଉନ୍ନତି ପାଇଁ କାର୍ଯ୍ୟ କରିଥିଲେ।

ସୁରେନ୍ଦ୍ରନାଥ ଦ୍ୱିବେଦୀ ଜଣେ ଓଡ଼ିଆ ରାଜନେତା ଏବଂ ସାମ୍ବାଦିକ ଥିଲେ। ସେ ୧୯୧୩ ମସିହାରେ ଜନ୍ମଗ୍ରହଣ କରିଥିଲେ ଏବଂ ୨୦୦୧ ମସିହାରେ ପରଲୋକ ପ୍ରାପ୍ତ ହୋଇଥିଲେ। ସେ ରାଜ୍ୟସଭାରେ ୧୯୫୨-୧୯୫୬ ପର୍ଯ୍ୟନ୍ତ ସଦସ୍ୟ ଥିଲେ ଏବଂ ପରେ ଲୋକସଭାରେ ୧୯୫୭-୧୯୭୦ ପର୍ଯ୍ୟନ୍ତ ନିର୍ବାଚିତ ହୋଇଥିଲେ। ସେ ଅରୁଣାଚଳ ପ୍ରଦେଶର ରାଜ୍ୟପାଳ ଭାବେ କାର୍ଯ୍ୟ କରିଥିଲେ। ସେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଥିଲେ ଏବଂ ପ୍ରଜା ସୋସିଆଲିଷ୍ଟ ପାର୍ଟିର ଉପାଧ୍ୟକ୍ଷ ଥିଲେ। ସେ ସାମ୍ବାଦିକତାରେ ସକ୍ରିୟ ଥିଲେ ଏବଂ ଓଡ଼ିଶାର ସାମାଜିକ ସଂସ୍କାରରେ ଯୋଗଦାନ ଦେଇଥିଲେ।

ସୁନ୍ଦର ମୋହନ ହେମ୍ବ୍ରମ ଇଣ୍ଡିଆନ୍ ନ୍ୟାସନାଲ୍ କଂଗ୍ରେସର ଜଣେ ସଦସ୍ୟ ଥିଲେ। ସେ ରାଜ୍ୟସଭାରେ ୧୯୫୨-୧୯୫୬ ପର୍ଯ୍ୟନ୍ତ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିଲେ। ସେ ଆଦିବାସୀ ନେତା ଭାବେ ପରିଚିତ ଥିଲେ ଏବଂ ମୟୂରଭଞ୍ଜ ଅଞ୍ଚଳରୁ ଆସିଥିଲେ। ସେ ଆଦିବାସୀ ଅଧିକାର ଏବଂ ଉନ୍ନତି ପାଇଁ ଲଢ଼ିଥିଲେ। ସେ ରାଜନୀତିରେ ଆଦିବାସୀ ପ୍ରତିନିଧିତ୍ୱକୁ ବଳବତ୍ କରିଥିଲେ। ସେ ଓଡ଼ିଶାର ଆଦିବାସୀ ସମାଜର ଉନ୍ନୟନରେ ଯୋଗଦାନ ଦେଇଥିଲେ।

ରାଧାକୃଷ୍ଣ ବିଶ୍ୱାସ ରାୟ ଓଡ଼ିଶାର ଜଣେ ରାଜନେତା ଥିଲେ। ସେ ୧୯୦୫ ମସିହାରେ ଜନ୍ମଗ୍ରହଣ କରିଥିଲେ ଏବଂ ୧୯୮୪ ମସିହାରେ ପରଲୋକ ପ୍ରାପ୍ତ ହୋଇଥିଲେ। ସେ ରାଜ୍ୟସଭାରେ ୧୯୫୨-୧୯୫୭ ପର୍ଯ୍ୟନ୍ତ ସଦସ୍ୟ ଥିଲେ ଏବଂ ବିଧାନସଭା ନିର୍ବାଚନ ପାଇଁ ଇସ୍ତଫା ଦେଇଥିଲେ। ସେ କୋରାପୁଟ ଗାନ୍ଧୀ ଭାବେ ପରିଚିତ ଥିଲେ। ସେ ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଥିଲେ ଏବଂ ଆଦିବାସୀ ଉନ୍ନୟନରେ କାର୍ଯ୍ୟ କରିଥିଲେ। ସେ ଓଡ଼ିଶାର ଦକ୍ଷିଣାଞ୍ଚଳର ବିକାଶ ପାଇଁ ପ୍ରୟାସ କରିଥିଲେ।

ବୋଧରାମ ଦୁବେ ଜଣେ ସ୍ୱାଧୀନତା ସଂଗ୍ରାମୀ ଏବଂ ରାଜନେତା ଥିଲେ। ସେ ୧୮୯୪ ମସିହାରେ ଝାରସୁଗୁଡ଼ାରେ ଜନ୍ମଗ୍ରହଣ କରିଥିଲେ। ସେ ରାଜ୍ୟସଭାରେ ୧୯୫୨-୧୯୫୮ ପର୍ଯ୍ୟନ୍ତ ସଦସ୍ୟ ଥିଲେ। ସେ ବୀର ସୁରେନ୍ଦ୍ର ସାଏଙ୍କର ସମ୍ପର୍କୀୟ ଥିଲେ ଏବଂ ଆଇନଜୀବୀ ଭାବେ କାର୍ଯ୍ୟ କରିଥିଲେ। ସେ ଓଡ଼ିଶାର ପଶ୍ଚିମାଞ୍ଚଳର ବିକାଶରେ ଯୋଗଦାନ ଦେଇଥିଲେ। ସେ କଂଗ୍ରେସ ପାର୍ଟିର ସକ୍ରିୟ ସଦସ୍ୟ ଥିଲେ।


ସୁରେନ୍ଦ୍ର ମହାନ୍ତି ଜଣେ ଓଡ଼ିଆ ଲେଖକ ଏବଂ ରାଜନେତା ଥିଲେ। ସେ ୧୯୨୨ ମସିହା ଜୁନ୍ ୨୧ ତାରିଖରେ ଜନ୍ମଗ୍ରହଣ କରିଥିଲେ ଏବଂ ୧୯୯୦ ମସିହା ଡିସେମ୍ବର ୨୧ ତାରିଖରେ ପରଲୋକ ପ୍ରାପ୍ତ ହୋଇଥିଲେ। ସେ ରାଜ୍ୟସଭାରେ ୧୯୭୮-୧୯୮୪ ପର୍ଯ୍ୟନ୍ତ ସଦସ୍ୟ ଥିଲେ ଏବଂ ପୂର୍ବରୁ ଲୋକସଭାରେ ୧୯୭୧-୧୯୭୭ ପର୍ଯ୍ୟନ୍ତ କେନ୍ଦ୍ରପଡ଼ାରୁ ନିର୍ବାଚିତ ହୋଇଥିଲେ। ସେ ଗଣତନ୍ତ୍ର ପାର୍ଟିର ସହ ଜଡ଼ିତ ଥିଲେ ଏବଂ ଓଡ଼ିଆ ସାହିତ୍ୟରେ ଅନେକ ପୁସ୍ତକ ଲେଖିଥିଲେ ଯେପରିକି ନୀଳ ଶୈଳ, ସବୁଜ ପତ୍ର ଓ ଧୂସର ଗୋଲାପ। ସେ ଓଡ଼ିଶା ସାହିତ୍ୟ ଆକାଡେମୀର ସଭାପତି ଥିଲେ ୧୯୮୧-୧୯୮୭ ପର୍ଯ୍ୟନ୍ତ। ସେ ସାମ୍ବାଦିକତାରେ ମଧ୍ୟ ସକ୍ରିୟ ଥିଲେ ଏବଂ କଳିଙ୍ଗ ପତ୍ରିକାର ସମ୍ପାଦକ ଥିଲେ।

ଏହି ନଅ ରାଜ୍ୟସଭା ସାଂସଦମାନେ ଓଡ଼ିଶାର ରାଜନୈତିକ ଇତିହାସରେ ଏକ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ଏମାନଙ୍କ ଯୋଗଦାନ ଦ୍ୱାରା ଓଡ଼ିଶାର ସମସ୍ୟାଗୁଡ଼ିକ ରାଷ୍ଟ୍ରୀୟ ସ୍ତରରେ ଉପସ୍ଥାପିତ ହୋଇଥିଲା ଏବଂ ରାଷ୍ଟ୍ର ନିର୍ମାଣରେ ସହାୟକ ହୋଇଥିଲା। ଏମାନଙ୍କ ମଧ୍ୟରେ ମହିଳା, ଆଦିବାସୀ ଏବଂ ବାମପନ୍ଥୀ ନେତାମାନଙ୍କର ଉପସ୍ଥିତି ଓଡ଼ିଶାର ବିବିଧତାକୁ ପ୍ରତିଫଳିତ କରୁଛି। ଆଜିର ରାଜନେତାମାନେ ଏମାନଙ୍କରୁ ପ୍ରେରଣା ନେଇ ଓଡ଼ିଶାର ବିକାଶ ପାଇଁ କାର୍ଯ୍ୟ କରିବା ଉଚିତ୍। ଏହି ସାଂସଦମାନଙ୍କର ସ୍ମୃତି ଓଡ଼ିଆ ଜାତିର ଗର୍ବର ବିଷୟ।

**ଚିତ୍ତ ରଞ୍ଜନ ମହାନ୍ତି**
**ଦେଉଳ ସାହି, କଟକ**

# ୪ ରାଜ୍ୟରେ ବିଧାନସଭା ନିର୍ବାଚନ

ନିର୍ବାଚନ ଆୟୋଗ ପଶ୍ଚିମବଙ୍ଗ, ଆସାମ, ତାମିଲନାଡୁ, କେରଳ ଓ ପୁଡୁଚେରୀର ବିଧାନସଭା ନିର୍ବାଚନ ତାରିଖ ଘୋଷଣା କରିଛନ୍ତି । ଏପ୍ରିଲ ୨୩ ତାରିଖରେ ଆସାମ, ତାମିଲନାଡୁ, କେରଳ ଓ ପୁଡୁଚେରୀରେ ମତଦାନ ହେଉଥିବାବେଳେ ପଶ୍ଚିମ ବଙ୍ଗରେ ଏପ୍ରିଲ ୨୩ ଓ ୨୯ ଦୁଇଟି ପର୍ଯ୍ୟାୟରେ ମତଦାନ କରାଯିବ । ଏହି ସମସ୍ତ ରାଜ୍ୟରେ ମୋଟ ୧୭.୪ କୋଟି ମତଦାତା ୮୨୪ଟି ଆସନ ପାଇଁ ନିଜ ମତ ସାବ୍ୟସ୍ତ କରିବେ । ଏହି ନିର୍ବାଚନକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ପ୍ରାୟ ୨୫ ଲକ୍ଷ କର୍ମଚାରୀ ଓ ୮.୫ ଲକ୍ଷ ସୁରକ୍ଷାକର୍ମୀଙ୍କୁ ନିଯୁକ୍ତ କରାଯିବ । ନିର୍ବାଚନ ତାରିଖ ଘୋଷଣା ହେବା ଫଳରେ ପଶ୍ଚିମବଙ୍ଗ, ଆସାମ, ତାମିଲନାଡୁ, କେରଳ ଓ ପୁଡୁଚେରୀରେ ଆଦର୍ଶ ଆଚରଣବିଧି ମଧ ଲାଗୁ ହୋଇଛି । ଏହା ସହିତ, ଗୋଆ, କର୍ଣ୍ଣାଟକ, ନାଗାଲ୍ୟାଣ୍ଡ ଓ ତ୍ରିପୁରାରେ ଏପ୍ରିଲ ୯ରେ ଏବଂ ଗୁଜରାଟ ଓ ମହାରାଷ୍ଟ୍ରରେ ଏପ୍ରିଲ ୨୩ରେ ଉପନିର୍ବାଚନ ହେବ । ମେ’ ମାସ ୪ ତାରିଖରେ ଏହି ସମସ୍ତ ଅଞ୍ଚଳରେ ହୋଇଥିବା ନିର୍ବାଚନର ଫଳାଫଳ ପ୍ରକାଶ ପାଇବ । ତେବେ ବିହାର, ପଶ୍ଚିମବଙ୍ଗ, ରାଜସ୍ଥାନ, ଗୋଆ, ଲାକ୍ଷାଦ୍ୱୀପ, ପୁଡୁଚେରୀ, ଗୁଜରାଟ, ତାମିଲନାଡୁ, ମଧପ୍ରଦେଶ, ଛତିଶଗଡ଼, ଆଣ୍ଡାମାନ-ନିକୋବାର ଓ କେରଳରେ ମୋଟ ୧୮.୯୮ କୋଟି ଭୋଟର କମିଛନ୍ତି ବୋଲି ନିର୍ବାଚନ ଆୟୋଗ ତଥ୍ୟ ଦେଇଛି ।



## ପଶ୍ଚିମବଙ୍ଗ

ଭୋଟର : ୭.୦୪ କୋଟି
ସିଟ୍ : ୨୯୪
ନିର୍ବାଚନ ପର୍ଯ୍ୟାୟ ୧: ଏପ୍ରିଲ ୨୩ (୧୫୨ ସିଟ୍)
ପର୍ଯ୍ୟାୟ ୨: ଏପ୍ରିଲ ୨୯ (୧୪୨ ସିଟ୍)

**୨୦୨୧ ଫଳାଫଳ**

ଟିଏମସି - ୨୧୩
ଭାରତୀୟ ଜନତା ପାର୍ଟି - ୭୭
ଅନ୍ୟାନ୍ୟ (କଂଗ୍ରେସ, ବାମପନ୍ଥୀ, ଇତ୍ୟାଦି) - ବହୁତ କମ୍
ଟିଏମ୍‌ସିର ଏକକ ସଂଖ୍ୟାଗରିଷ୍ଠ ସରକାର




## କେରଳ

ଭୋଟର: ୨.୭ କୋଟି
**୧୪୦ଟି ସିଟ୍**
ଭୋଟ: ଏପ୍ରିଲ ୨୩

**୨୦୨୧ ଫଳାଫଳ**

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)-୬୨
କଂଗ୍ରେସ-୨୧
ଭାରତୀୟ କମ୍ୟୁନିଷ୍ଟ ପାର୍ଟି-୧୭
ଆଇୟୁଏମ୍‌ଏଲ୍-୧୫
ସ୍ୱାଧୀନ-୬
କେରଳ କଂଗ୍ରେସ (ଏମ୍) - ୫
ଅନ୍ୟାନ୍ୟ -୧୪
**ଏଲ୍‌ଡିଏଫ୍‌ର ମେଣ୍ଟ ସରକାର**




## ଆସାମ

ଭୋଟର: ୨.୫ କୋଟି
ସିଟ୍ : ୧୨୬
ନିର୍ବାଚନ: ଏପ୍ରିଲ ୯
(୧୨୬ ଆସନ)

**୨୦୨୧ ଫଳାଫଳ**

ଭାରତୀୟ ଜନତା ପାର୍ଟି -୬୦
ଆସାମ ଗଣ ପରିଷଦ- ୯
ୟୁନାଇଟେଡ୍ ପିପୁଲ୍ସ ପାର୍ଟି ଲିବରାଲ -୬
ମୋଟ ଏନଡିଏ - ୭୫ ଆସନ (ସଂଖ୍ୟାଗରିଷ୍ଠ)
କଂଗ୍ରେସ-୨୯
ଏଆଇୟୁଡିଏଫ୍-୧୬
ଅନ୍ୟାନ୍ୟ - ୫
**ଏନ୍‌ଡିଏର ମେଣ୍ଟ ସରକାର**




## ପୁଡୁଚେରୀ

ଭୋଟର: ୯.୪୪ ଲକ୍ଷ
୩୦ଟି ସିଟ୍
୩ ମନୋନୀତ ସଦସ୍ୟ
ଭୋଟ: ଏପ୍ରିଲ ୯

**୨୦୨୧ ଫଳାଫଳ**

ଅଖିଳ ଭାରତ ଏନ୍‌ଆର କଂଗ୍ରେସ-୧୦
ଭାରତୀୟ ଜନତା ପାର୍ଟି -୬
ଅଖିଳ ଭାରତ ଆନ୍ନା ଦ୍ରାବିଡ ମୁନେତ୍ର କାଝଗମ- ୪
ସ୍ୱାଧୀନ-୬
କଂଗ୍ରେସ-୨
୩ ଜଣ ମନୋନୀତ ବିଜେପି ବିଧାୟକ (ସଂଖ୍ୟାଗରିଷ୍ଠତା ପାଇଁ ଜରୁରୀ)
**ଏନ୍‌ଡିଏର ମେଣ୍ଟ ସରକାର**



## ତାମିଲନାଡୁ

ଭୋଟର: ୫.୬୭ କୋଟି
**୨୩୪ଟି ସିଟ୍**
ଭୋଟ: ଏପ୍ରିଲ ୨୩

**୨୦୨୧ ଫଳାଫଳ**

ଦ୍ରାବିଡ ମୁନ୍‌ନେତ୍ର କାଝଗମ -୧୩୩
ଏଆଇଡିଏମ୍‌କେ- ୬୬
ଭାରତୀୟ ଜାତୀୟ କଂଗ୍ରେସ - ୧୮
ପିଏମ୍‌କେ -୫
ଭିସିକେ - ୪
ଅନ୍ୟାନ୍ୟ-୮
**ଡିଏମ୍‌କେ ନେତୃତ୍ୱାଧୀନ ମେଣ୍ଟ (ଇଣ୍ଡି ମେଣ୍ଟ)**

# ଘର ବାହୁଡ଼ିଲେ ରମ୍ମୁ
## ଖୁସିରେ ଆତ୍ମହରା ସିଦ୍ଧାର୍ଥ



ନିମାପଡାରୁ ବସନ୍ତ ନାୟକ : ବିଗତ ବର୍ଷରେ ନିମାପଡା ଓ କାକଟପୁର ନିର୍ବାଚନମଣ୍ଡଳୀରେ କଂଗ୍ରେସର ଜଣେ ଜଣାଶୁଣା ନେତା ଥିଲେ ସତ୍ୟବ୍ରତ ପାତ୍ର (ରମ୍ମୁ) । ଏହି ଦୁଇ ନିର୍ବାଚନ ମଣ୍ଡଳୀର ପ୍ରତି ପଞ୍ଚାୟତରେ ତାଙ୍କର ଦୃଢ ସମର୍ଥକ ଥିଲେ । ରମ୍ମୁ ନିକଟରେ ବିଜେଡିରୁ ଇସ୍ତଫା ଦେଇ ପିସିସି ମୁଖିଆ ଭକ୍ତ ଦାସଙ୍କ ଉପସ୍ଥିତିରେ ପୁଣି ଘର ବାହୁଡା କରିଛନ୍ତି । ତେବେ ରମ୍ମୁ କଂଗ୍ରେସକୁ ପୁଣି ଫେରି ଯେତିକି ଖୁସି ନାହାନ୍ତି ତାଙ୍କ ଠାରୁ ଢେର ଅଧିକ ଖୁସି ଅଛନ୍ତି ଗତ ନିର୍ବାଚନରେ ନିମାପଡା ବିଧାନସଭା ଆସନରୁ କଂଗ୍ରେସ ଦଳରୁ ପ୍ରାର୍ଥୀ ହୋଇ ଅମାନତ ହରାଇଥିବା ସିଦ୍ଧାର୍ଥ ରାଉତରାୟ । ରମ୍ମୁଙ୍କୁ ନେଇ ସିଦ୍ଧାର୍ଥ ବେଶୀ ଉତ୍ସାହିତ ହୋଇପଡ଼ିଥିବାରୁ ବିରୋଧି ସହିନପାରି ଥଟ୍ଟାମଜା ଆରମ୍ଭ କଲାଣି । ବିଗତ ୨୦୦୯ରୁ ୨୦୨୪ ପର୍ଯ୍ୟନ୍ତ ଯଦି ନିମାପଡା ବିଧାନସଭା ଆସନରେ କଂଗ୍ରେସ ବିଧାୟକ ପ୍ରାର୍ଥୀ କଥା ଦେଖିବା ତେବେ ପ୍ରତି ନିର୍ବାଚନରେ ନୂଆ ନୂଆ ମୁହଁ ଏହି ନିର୍ବାଚନ ମଣ୍ଡଳୀବାସୀ ଦେଖିବାକୁ ପାଆନ୍ତି । ଗତ ୨୦୦୯ରେ ପୁରୀ ଜିଲ୍ଲା ନିମାପଡା ନିର୍ବାଚନ ମଣ୍ଡଳୀ ବିଧାନସଭା ଆସନରେ ରମ୍ମୁ କଂଗ୍ରେସର ବିଧାୟକ ପ୍ରାର୍ଥୀ ହୋଇ ୪୧୬୦୮ ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ । ପରାଜିତ ହେବା ପରେ ରମ୍ମୁ କଂଗ୍ରେସ ଦଳରେ ରହିଥିଲେ । କିନ୍ତୁ ୨୦୧୪ ମସିହା ବିଧାନସଭା ନିର୍ବାଚନରେ ଦଳ ରମ୍ମୁଙ୍କୁ ଆଉ ବିଶ୍ୱାସକୁ ନେଇନଥିଲା। ନବାଗତ ଯୁବ ଚେହେରା ଡଃ. ବିଶ୍ୱ ରଂଜନ ମହାନ୍ତିଙ୍କୁ ଦଳ ଟିକେଟ ଦେଇଥିଲା। ବିଶ୍ୱ ରଂଜନ ମାତ୍ର ୨୦୭୪୮ ଖଣ୍ଡ ଭୋଟ ଆଣିବାରେ ସକ୍ଷମ ହୋଇଥିଲେ । ସେହିପରି ୨୦୧୯ରେ ଦଳ ଦିଲ୍ଲୀପ ନାୟକଙ୍କୁ ଟିକେଟ ଦେଇଥିବାବେଳେ ସେ ୩୩୫୭୬ ଖଣ୍ଡ ଭୋଟ ପାଇଥିଲେ । ୨୦୨୪ ନିର୍ବାଚନରେ ନୂଆ ଚେହେରା ଭାବେ ସିଦ୍ଧାର୍ଥ ରାଉତରାୟ ପଦାର୍ପଣ କରିଥିଲେ । ଦଳ ସିଦ୍ଧାର୍ଥଙ୍କୁ ଟିକେଟ ଦେବାରୁ ସେ ପ୍ରତିଦ୍ୱନ୍ଦିତା କରି ମାତ୍ର ୭୦୬୬ ଖଣ୍ଡ ଭୋଟ ପାଇ ଅମାନତ ହରାଇଥିଲେ । ସିଦ୍ଧାର୍ଥ ଅମାନତ ହରାଇବା ପରେ ତାଙ୍କ ବାପା ଜଟଣୀ ମଣି ସୁର ରାଉତରାୟ, ନିମାପଡା ଭୋଟର ବଡ ଖାଉଆ, ଭୋଟ ଦେବାକୁ କହି ପୁଅ ସିଦ୍ଧାର୍ଥଙ୍କ ଠାରୁ କୋଟି କୋଟି ଟଙ୍କା ଚରିଗଲେ ବୋଲି ସୋସିଆଲ ମିଡିଆରେ କହିଥିଲେ । ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ହେବ ନିମାପଡାରେ କଂଗ୍ରେସ କ୍ଷମତା ଠାରୁ ବହୁ ଦୂରରେ ରହିଛି । କଂଗ୍ରେସରୁ ପ୍ରାର୍ଥୀ ହୋଇ ହାରିବା ପରେ ଦିଲ୍ଲୀପ ଦଳ ଛାଡି ବିଜେଡିରେ ମିଶି ପ୍ରାର୍ଥୀ ହୋଇଥିଲେ । ସେହିପରି ଡଃ. ବିଶ୍ୱରଂଜନ ମହାନ୍ତି, ସିଦ୍ଧାର୍ଥ ରାଉତରାୟ ପରାଜିତ ହେବା ପରେ ନିମାପଡାରୁ ଦୂରେଇ ଯାଇଛନ୍ତି । ପ୍ରାର୍ଥୀ ହୋଇ ଏଠାରୁ ଅମାନତ ହରାଇ ପରେ ସିଦ୍ଧାର୍ଥଙ୍କ ମନ ମରିଯାଇଛି । ଗଙ୍ଗା ଗଲି ଯେତେ ଫଳ ପାଇଲି ସେତେ ବୋଲି ଜପ କରୁଛନ୍ତି । ଏହି ନିର୍ବାଚନ ମଣ୍ଡଳୀର ତୃଣମୂଳସ୍ତରରେ କଂଗ୍ରେସର ସଂଗଠନ ଦୁର୍ବଳ ସ୍ଥିତିରେ ରହିଛି । ପଦପଦବୀ ପାଇବା ଲୋଭରେ କଂଗ୍ରେସ ଛାଡି ବିଜେଡିକୁ ଲମ୍ଫ ମାରିଥିବା ରମ୍ମୁଙ୍କ କିଛି ଲାଭ ନହେବାରୁ ଆରେ ଢମଣା ବୁଲି ବୁଲି ସେଇ ଅଗଣା ଢେଗ ଭଳି ପୁଣି କଂଗ୍ରେସକୁ ଫେରିଛନ୍ତି । ବିଜେଡି ବିଧାୟକ ପ୍ରାର୍ଥୀ ଦିଲ୍ଲୀପ ନାୟକ ଠକେଇ ମାମଲାରେ ଜେଲରେ ରହିଥିବା ବେଳେ ରମ୍ମୁ ଭାବିଥିଲେ ନିମାପଡା ନିର୍ବାଚନ ମଣ୍ଡଳୀ ଦାୟିତ୍ୱ ଦଳ ତାଙ୍କୁ ଦେବ । କିନ୍ତୁ ଦଳ ନିମାପଡ଼ା ବିଜେଡ଼ି ମଙ୍ଗ ସୁବ୍ରତଙ୍କ ହାତରେ ଧରାଇ ଦେଇଥିଲା । ତେଣୁ ରମ୍ମୁଙ୍କ ମନ ଉଣା ହୋଇଗଲା ବୋଲି ରାଜନୀତିକ ମହଲରେ ଚର୍ଚ୍ଚା ହେଉଛି। ହାରିବା ପରେ ଦେଢ ବର୍ଷ ମଧ୍ୟରେ ସିଦ୍ଧାର୍ଥଙ୍କୁ ନିମାପଡାରେ ଭୋଟର ଦେଖିବାକୁ ପାଇନାହାନ୍ତି। ବିରୋଧି ଦଳ ହିସାବରେ ଶାସକ ଦଳର ଦୁର୍ନିତୀ ବିରୋଧରେ ମୁହଁ ଖୋଲିବା, ଦଳୀୟ କାର୍ଯ୍ୟକ୍ରମ, ସଭାସମିତି ମଧ୍ୟ ଦେଖିବାକୁ ମିଳୁନଥିଲା । ନେତାଙ୍କ ଦେଖାନଥିବାରୁ ପଞ୍ଚାୟତସ୍ତରୀୟ କଂଗ୍ରେସ ନେତା ଓ କର୍ମୀ ନିଷ୍କ୍ରିୟ ହୋଇ ବସିଥିଲେ। ଦଳର ମଙ୍ଗୁଆଳ କିଏ ହେବେ, ସେନେଇ କଳ୍ପନାଜଳ୍ପନା ଲାଗି ରହିଥିଲା । ରମ୍ମୁଙ୍କ ହାତକୁ ନିମାପଡା କଂଗ୍ରେସ ଦାୟିତ୍ୱ ଗଲା ପରେ ଅଣନିଃଶ୍ୱାସୀ ହୋଇ ପଡିଥିବା ସିଦ୍ଧାର୍ଥ ବେଶି ଖୁସି ବୋଲି ଚର୍ଚ୍ଚା ହେଉଛି । ଆଗକୁ ଆସୁଛି ତ୍ରିସ୍ତରୀୟ ପଞ୍ଚାୟତ ଓ ଏନ୍ଏସି ନିର୍ବାଚନ। ଅଳ୍ପ ଦିନ ମଧ୍ୟରେ ଅସଜଡା କଂଗ୍ରେସକୁ ସଜାଡିବାରେ ରମ୍ମୁ କେତେ ସଫଳ ହେଉଛନ୍ତି ତାହା ଦେଖିବାକୁ ନିମାପଡା କଂଗ୍ରେସ କର୍ମୀ ଅପେକ୍ଷା କରିଛନ୍ତି ।

# ବିଜେଡ଼ିରେ ଫାଉଣ୍ଡେସନ କମ୍ପନ



ବିଜୁ ନବୀନ ଇନସ୍ପାଇରେସନାଲ ଫାଉଣ୍ଡେସନ ଏବେ ବିଜେଡ଼ି ଅଳିନ୍ଦରେ କମ୍ପନ ସୃଷ୍ଟିକରିଛି । ବିଶେଷକରି ଏହି ଫାଉଣ୍ଡେସନର ଦୁଇ ଆଜୀବନ ଟ୍ରଷ୍ଟିଙ୍କୁ ନେଇ ଚର୍ଚ୍ଚା ହେବା ସ୍ୱାଭାବିକ । ୨୦୨୫ ମେ'ରେ ପଞ୍ଜୀକୃତ ଫାଉଣ୍ଡେସନର ଟ୍ରଷ୍ଟି ହେଉଛନ୍ତି ଭିକେ ପାଣ୍ଡିଆନ୍ ଓ ସନ୍ତୃପ୍ତ ମିଶ୍ର । ଏମିତି ତ ପାଣ୍ଡିଆନ କିଭଳି ବିଜେଡ଼ି ଓ ନବୀନଙ୍କ ସମ୍ପତ୍ତି ହଡ଼ପ କରିବେ ବୋଲି ଚର୍ଚ୍ଚା ହେଉଛି । ତାହା ସତ ହେଉ ଅବା ମିଛ, କିନ୍ତୁ ଜନରବକୁ କିଏବା କେତେ କାଉଣ୍ଟର କରିପାରିବ । ହେଲେ ଗୁଜବକୁ ଆହୁରି ସତ୍ୟସିଦ୍ଧ କରିବା ପାଇଁ ତଥ୍ୟ ପ୍ରମାଣ ବି ମିଳୁଛି । ପ୍ରଭାତ ବିଶ୍ୱାଳ ଏନେଇ ସଂକେତ ଦେବାପରେ ଶ୍ରୀମୟୀ ମିଶ୍ର ସୋସିଆଲ ମିଡ଼ିଆରେ ତଥ୍ୟ ପ୍ରମାଣ ପରଶି ଦେଉଛନ୍ତି । ସଦ୍ୟତମ ତଥ୍ୟ ଅନୁଯାୟୀ, ଏହି ଫାଉଣ୍ଡେସନଟି ନବୀନଙ୍କ ଦିଲ୍ଲୀ ଘରେ ହିଁ ଚାଲୁଛି । କିନ୍ତୁ ଏନେଇ ପୂର୍ବରୁ କେହି ଟେର ବି ପାଇନଥିଲେ । କେତେକ ପ୍ରଶ୍ନ କରୁଥିଲେ, ନବୀନ ଏନେଇ ଜାଣିଛନ୍ତି କି ନାହିଁ । ଏବେ ତାହାର ଉତ୍ତର ମିଳିଛି । ନବୀନ ହିଁ ତାଙ୍କ ଅବଦୁଲ କାଲାମ ରୋଡ଼ ସ୍ଥିତ ଘରେ ଅଫିସ ଚଳାଇବାକୁ ଏନଓସି ଦେଇଛନ୍ତି । ଖାଲି ଆଖିରେ ଦେଖିଲେ ଏହା ଏକ ସାଧାରଣ କଥା ହୋଇପାରେ। ହେଲେ ରାଜନୀତି ଚଷମାରେ ଆଦୌ ସାଧାରଣ ନୁହେଁ । ଆଜି ହୁଏତ ବିଜେଡ଼ିର ପାଣ୍ଡିଆନ୍ ପ୍ରେମୀମାନେ ଗଣମାଧ୍ୟମରେ ଓ ସାମାଜିକ ଗଣମାଧ୍ୟମରେ ଏହି ନ୍ୟାରେଟିଭକୁ ଘଣ୍ଟ ଘୋଡ଼ାଇବାର ପ୍ରୟାସ କରିପାରନ୍ତି, କିନ୍ତୁ ତାହା ସାଧାରଣରେ ଗ୍ରହଣୀୟ ହେବ ତ, ଏକଥା ବିଚାର କରିବା ଦରକାର ।

# ପେଟରେ ଗ୍ୟାସ... ମୁଣ୍ଡରେ ଗ୍ୟାସ...

**ମହାମୂର୍ଖ ଉବାଚ**



| ଡ଼ଃ କୁଳାଙ୍ଗାର |

ଯୋଉଦିନ ନେତା ଖୋଲିକି କହିଲେ
ଗ୍ୟାସର ନାଇଁ ସଙ୍କଟ;
ଟାଙ୍କି ଧରିକରି ଜନତା ଧାଡିରେ
ସତେ କାଟିବେ କି ଯାତ୍ରା ଟିକେଟ!
ଅଭିଜ୍ଞତା ଯେଣୁ ଉତ୍କଟ,
ଯେଦିନ କହନ୍ତି ବିଜୁଳି ଯଥେଷ୍ଟ
ସେଇଠାରୁ ସୁରୁ ବିଭ୍ରାଟ!!

ପେଟର ଗ୍ୟାସ ବଢିକରି ଏବେ
ମୁଣ୍ଡରେ ଚଢ଼ିଛି ଯାଇ;
ଗୋଟେ ଟାଙ୍କି ଯାର ପୂର୍ଣ୍ଣ ହୋଇଅଛି
ଧାଇଁଛି ଅନ୍ୟଟି ପାଇଁ!
ମୁଣ୍ଡ ବୁଲେ ଘାଇଁଘାଇଁ,
ମୋର ପୁରିଛି ସିନା ମୋ ୱାଇଫି
ଟାଙ୍କିଟା ଯେ ପୁରିନାଇଁ!!

ଦାୟିତ୍ୱରେ ଥିବା ନେତା ପଚାରିଲେ
ତାଙ୍କର ବିଶ୍ୱସ୍ତ କର୍ମୀକି;
ସତରେ କଣ ଆମ ରାଇଜରେ
ଗ୍ୟାସର ଅଛି କମି କି?
କର୍ମୀ କହେ ମୁଁ କାଳିକି,
ବୁକ କରୁ କରୁ ଆଜି ମୋ ଦୁଆରେ
ଡ଼େଲିଭରି ପାଇ ଗଲିକି!!

ସାମ୍ବାଦିକ ଜଣେ କବିଙ୍କୁ ପଚାରେ
ବୁମଧରି କରି ବେଲି;
କେତେ ଦିନ ଲାଗେ ଶୁଣିଲି ଆପଣ
ବୁକ କରିଥିଲେ ବୋଲି!
ମହାମୂର୍ଖ କହେ ଖୋଲି,
ଗଲକାଲି ମୋତେ ଟାଙ୍କି ମିଳିଗଲା
ମୁଁ ଆଜି ବୁକ କରିଥିଲି!!

ଯାହାକୁ ଦେଖିବ ତାଆର ପେଟରେ
ଭରି ହୋଇଅଛି ଗ୍ୟାସ;
ଅଳପ ଚାପରେ ବଡ଼ ଧ୍ୱନିକରି
ବାହାରଇ ଭସଭାସ!
ତଥାପି ଦର୍କାର ଗ୍ୟାସ,
ସକାଳ ପାଇଲେ ଟାଙ୍କି ଧରିକରି
କାଉଣ୍ଟର ଆଗେ ବସ!!

ସେଠି ଯୁଦ୍ଧ ଲାଗିଅଛି ଅସ୍ତ୍ର ଜିତୁଅଛି
ମଣିଷ ଯାଉଛି ହାରି;
ଏଠି ଯୁଦ୍ଧ ଲାଗିଅଛି ମଣିଷ ଜିତୁଛି
ଗ୍ୟାସଟେ ପାଇକରି!
କିଆଁ ଏତେ ମରାମରି,
ହୋଟେଲବାଲା ଯେ ଟାଙ୍କିପିଛା ଏବେ
ଦଉଛି ହଜାରେ କରି!!

ବିରୋଧୀ ନେତାଟେ ବଳ ଖର୍ଚ୍ଚକରି
ତଣ୍ଟି ଓ ଓଠକୁ ଟାଙ୍କି;
କର୍ମୀଙ୍କୁ ତାଙ୍କର ପଚାରିଲେ ହେରେ
ମିଳୁଛି ଯଥେଷ୍ଟ ଟାଙ୍କି?
କର୍ମୀ ଉତ୍ତରିଲା ହାଙ୍କି,
ଆଠଦିନ ହେଲା ବୁକିଂ କରିକି
ବଇଚି ଟାଙ୍କି ନା ଫାଙ୍କି!!




# କାହାର କାଂଶୀରାମ ?

ଗର୍ବିତ ଓଡ଼ିଆ
ODIA WEEKLY ● GARVIT ODIA

ରାଜନୀତିରେ କେହି କାହାର ଚିର ଶତ୍ରୁ କି ମିତ୍ର ନୁହଁନ୍ତି, ଏଠି କେବଳ ଜନତା ହିଁ ଜରୁରୀ । ଆଉ ଯେଉଁଠି ଜନତାଙ୍କର ଭାବାବେଗ ରହିଛି ସେଆଡକୁ ଢ଼ଳିବା ପାଇଁ ମୁହୂର୍ତ୍ତେ ବି ଚିନ୍ତା କରି ସମୟ ନଷ୍ଟ କରିବାକୁ ପ୍ରସ୍ତୁତ ନୁହଁନ୍ତି କୌଣସି ରାଜନୈତିକ ଦଳ। ଯାହାର ରୋଚକ ଦୃଶ୍ୟ ଏବେ ଦେଖିବାକୁ ମିଳୁଛି ଉତ୍ତର ପ୍ରଦେଶରେ। ମାର୍ଚ୍ଚ ୧୫ ତାରିଖରେ ଉତ୍ତର ଭାରତରେ ଦଳିତ ରାଜନୀତିକୁ ଏକ ନୂଆ ଦିଗ ଦେଖାଇଥିବା ଜନପ୍ରିୟ ନେତା ଓ ବହୁଜନ ସମାଜ ପାର୍ଟି ପ୍ରତିଷ୍ଠାତା କାଂଶୀରାମଙ୍କ ୯୨ତମ ଜୟନ୍ତୀ ଉତ୍ସବ ଶେଷ ହୋଇଛି। ଏହି ଉତ୍ସବ ପଳନ ଜରିଆରେ ଏବେ ଉତ୍ତର ପ୍ରଦେଶର ସମସ୍ତ ପ୍ରମୁଖ ରାଜନୈତିକ ଦଳ ଆଗାମୀ ପଞ୍ଚାୟତ ନିର୍ବାଚନ ଓ ବିଧାନସଭା ନିର୍ବାଚନରେ ଦଳିତମାନଙ୍କ ଭୋଟ୍ ବ୍ୟାଙ୍କକୁ ଆକୃଷ୍ଟ କରିବା ପାଇଁ ରେସ୍ ଲଗାଇ ଦେଇଛନ୍ତି କହିଲେ ଭୁଲ ହେବ ନାହିଁ ।

ଉତ୍ତରଭାରତରେ ଦଳିତ ରାଜନୀତିର ଚେହେରା ବଦଳାଇ ଦେଇଥିବା କାଂଶୀରାମଙ୍କ ନାମର ଭେଳିକି ଦେଖେଇ ସବୁ ରାଜନୈତିକ ଦଳ ୨୦୨୭ରେ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ଚୁମ୍ବକ ଲୁହାକୁ ଭିଡିଲା ଭଳି ଦଳିତମାନଙ୍କ ଭୋଟବ୍ୟାଙ୍କକୁ ଭିଡିବାକୁ ରଣନୀତି କରିଛନ୍ତି। ଏଥିରେ ସଭା ଆଗରେ ଅଛନ୍ତି ବିରୋଧି ଦଳ ନେତା ରାହୁଲ ଗାନ୍ଧୀ। ଜାତିଜନଗଣନା, ସଂରକ୍ଷଣ ଓ ସାମାଜିକ ନ୍ୟାୟ ଭଳି ବିଭିନ୍ନ ପ୍ରସଙ୍ଗରେ ସଂସଦରେ ରାହୁଲ ଅତି ଦୃଢ଼ ଭାବେ ନିଜ ମତ ଉପସ୍ଥାନ କରିଛନ୍ତି। ୧୩ ମାର୍ଚ୍ଚ ୨୦୨୬ରେ ଲକ୍ଷ୍ନୌରେ ଜନସମ୍ପର୍କ ଅଭିଯାନରେ ସାମିଲ ହେବା ସହିତ ସାମାଜିକ ପରିବର୍ତ୍ତନ ଦିବସ ପାଳନ କରିବା ଜରିଆରେ ଦଳିତମାନଙ୍କ ସହ ଯୋଗସୂତ୍ର ସ୍ଥାନ ପାଇଁ ରଣନୀତି କରିଛନ୍ତି। କଂଗ୍ରେସ ପକ୍ଷରୁ କାଂଶୀରାମଙ୍କୁ ପ୍ରଶଂସା କରାଯିବା ହିଁ ସବୁଠାରୁ ଚିକତ କରିଛି । କାରଣ ୧୯୯୦ ଦଶକରେ ଉତ୍ତରପ୍ରଦେଶରେ କାଂଶୀରାମଙ୍କ ଉତ୍ଥାନ ଫଳରେ କଂଗ୍ରେସ ଦଳିତମାନଙ୍କର ଏକ ବଡ ଭୋଟ୍ ବ୍ୟାଙ୍କ ହରାଇ ଥିଲା । ଯେଉଁସମାଜବାଦୀ ପାର୍ଟି ସରକାରକୁ ଆସିବା ପରେ କାଂଶୀରାମଙ୍କ ନାମରେ ଥିବା ଅନେକ ଅନୁଷ୍ଠାନର ନାମ ପରିବର୍ତ୍ତନ କରିଦେଇଥିଲା



ବୋଲି ଅନେକ ଅଭିଯୋଗ କରନ୍ତି, ସେହି ପାର୍ଟି ଆଜି ତାଙ୍କର ରାଜନୈତିକ ଫର୍ମୂଲାକୁ ନିଜ ରଣନୀତିର ଆଧାର ଭାବେ କାର୍ଯ୍ୟକାରୀ କରୁଛି। ସେଥିପାଇଁ ୧୫ମାର୍ଚ୍ଚରେ ଅଖିଳେଶ ଯାଦବ ମଧ୍ୟ ଉତ୍ତରପ୍ରଦେଶରେ ଅନେକ କାର୍ଯ୍ୟକ୍ରମ କରିଛନ୍ତି। ଯେଉଁଠି କଂଗ୍ରେସ କାଂଶୀରାମଙ୍କ ନାଁକୁ ବ୍ୟବହାର କରି ନିଜର ପଛୁଆ ବର୍ଗ ଭୋଟ ବ୍ୟାଙ୍କ୍‌କୁ ପୁଣିଥରେ ନିଜ ଆଡକୁ ଭିଡିବାକୁ ଚେଷ୍ଟାକରୁଛି ସେଇଠି ସମାଜବାଦୀ ପାର୍ଟି ଅଖିଳେଶ ଯାଦବଙ୍କ ନେତୃତ୍ୱରେ କାଂଶୀରାମଙ୍କ ବିଚାରଧାରା ଦ୍ୱାରା ଅନୁପ୍ରାଣିତ ହୋଇ ନିଜ (ପଛୁଆବର୍ଗ+ଦଳିତ+ଅଳ୍ପସଂଖ୍ୟକ) ପିଡିଏ ଏଜେଣ୍ଡା ମାଧ୍ୟମରେ ଭୋଟବ୍ୟାଙ୍କ ବଢ଼ାଇବାର ଜୋରଦାର ଉଦ୍ୟମ ଜାରିରଖିଛି। ଦଳିତ ନେତା ଓ ଆଜାଦ ସମାଜ ପାର୍ଟି (କାଂଶୀରାମ)ର ଚନ୍ଦ୍ରଶେଖର ଆଜାଦ ମଧ୍ୟ ନିଜ ଦଳକୁ କାଂଶୀରାମଙ୍କ ବିଚାରଧାରାରୁ ଜନ୍ମ ବୋଲି ପ୍ରମାଣିତ କରିବାକୁ ଚେଷ୍ଟାକରୁଛନ୍ତି। ଏସବୁ ଭିତରେ ବହୁଜନ ସମାଜବାଦୀ ପାର୍ଟି ମଧ୍ୟ ନିଜକୁ କାଂଶୀରାମଙ୍କ ଏକମାତ୍ର ପ୍ରକୃତ ଉତ୍ତରଅଧିକାରୀ ବୋଲି ପ୍ରମାଣିତ କରିବାରେ ପଛରେ ନାହିଁ। ଶାସକ ବିଜେପି ମଧ୍ୟ ଆଦୌ ପଛରେ ନାହିଁ । ସରକାରଙ୍କ ଅନୁସୂଚୀତ ଜାତି ଶାଖା ମାର୍ଚ୍ଚ ୧୫ ତାରିଖରେ 'କାଂଶୀ ରାମ ଆବାସ' ଠାରେ ସଫେଇ ଓ ପୁନଃନିର୍ମାଣ କାର୍ଯ୍ୟ କରୁଛନ୍ତି।

ରାଜ୍ୟର ମୋଟ ୪୦୩ ବିଧାନସଭା ଆସନରୁ ୮୪ଟି କେବଳ ଏସ୍‌ସିମାନଙ୍କ ପାଇଁ ସଂରକ୍ଷିତ ଅଛି। ୨୦୨୨ ନିର୍ବାଚନରେ ବିଜେପି ଏଥିମଧ୍ୟରୁ ୫୮ଟି ଓ ସପା ୧୬ଟି ଆସନ ଜିତିଥିଲାବେଳେ କଂଗ୍ରେସ ଗୋଟିଏ ବି ସିଟ୍ ଜିତିପାରିନଥିଲା। ସେହିଭଳି ରାଜ୍ୟର ୮୦ଟି ଲୋକସଭା ସିଟ୍ ଭିତରେ ମୋଟ ୧୭ଏସ୍‌ସି ସିଟ୍‌ଥିବାବେଳେ ବିଜେପି ୮ଟିରେ, ସପା ୭ଟିରେ ଓ କଂଗ୍ରେସ ଗୋଟିଏ ଆସନରେ ଜିତିଥିଲା। ଏହା ଭିତରେ ବିଏସ୍‌ପି ମୁଖ୍ୟ ମାୟାବତୀ ମଧ୍ୟ କାଂଶୀରାମଙ୍କ ଜନ୍ମ ଦିବସ ଅବସରରେ ଆମ୍ବେଦକରଙ୍କର ଚିନ୍ତାଧାରାରେ ଅନୁପ୍ରାଣିତ କାଂସିରାମ ସବୁବେଳେ ଆତ୍ମସମ୍ମାନକୁ ଗୁରୁତ୍ୱ ଦେଇ ରାଜନୀତି କରିଛନ୍ତି ବୋଲି କହି ନିଜ ଦଳପ୍ରତି ନିଷ୍ଠାବାନ ରହିବା ପାଇଁ ଲୋକମାନଙ୍କୁ ଆହ୍ୱାନ ଦେଇଛନ୍ତି। ତେବେ ରାଜନୈତିକ ଲାଭ ହାସଲ ପାଇଁ ଦଳିତ ଭୋଟ୍ ବ୍ୟାଙ୍କ ହାଥେଇବାକୁ ମୁଖ୍ୟସ୍ରୋତରେ ଥିବା ରାଜନୈତିକ ଦଳଗୁଡିଙ୍କର କାଂଶୀରାମ ପ୍ରିତି ଏଥିପାଇଁ ବିଚିତ୍ର ଲାଗୁଛି କାରଣ ପ୍ରକୃତରେ କାଂଶୀରାମ ତାଙ୍କର ସମ୍ପୂର୍ଣ୍ଣ ରାଜନୈତିକ ଜୀବନରେ କେବଳ ମୁଖ୍ୟସ୍ରୋତରେ ଥିବା ରାଜନୈତିକ ଦଳଗୁଡିକର ହିଁ କଡା ସମାଲୋଚନା ବା ନିନ୍ଦା କରିଛନ୍ତି। କାଂଶୀରାମଙ୍କୁ ନେଇ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ହୋଇଥିବା ଗୋଟିଚାଳନାରେ କିଏ ବାଜିମାତ୍ କରିବ ତାହା ଅଳ୍ପ ଦିନରେ ସ୍ପଷ୍ଟ ହୋଇଯିବ ।



# ରମାକାନ୍ତଙ୍କୁ ମୋଦି, ମୋହନଙ୍କ ସ୍ୱପ୍ନାଦେଶ

ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ରାତିରେ ଲୁଙ୍ଗି ପିନ୍ଧି ନବୀନ ନିବାସରେ ଶୋଇଥିଲେ। ରାତି ଅଧରେ ହଠାତ୍ ତାଙ୍କ ସ୍ୱପ୍ନରେ ମୋଦି ଆସିଲେ। କହିଲେ, ରମାକାନ୍ତ ଜୀ ରାଜ୍ୟକି ବିକାଶକେ ଲିୟେ ଦିଲ୍ଲୀପକୋ ଭୋଟ୍ ଦୋ । ମୋଦିଙ୍କ ସ୍ୱପ୍ନ ଦେଖି ତାଙ୍କର ନିଦ ଭାଙ୍ଗିଗଲା। ହେଲେ ବିଶ୍ୱାସ କରିପାରିଲେନି। ପୁଣି ଶୋଇପଡ଼ିଲେ। ଏଥର ସ୍ୱପ୍ନରେ ଆସିଲେ ମୋହନ ଚରଣ ମାଝୀ। ସେ କହିଲେ ରମାକାନ୍ତ ଭାଇ, ତୁମେ ଆମ ଦଳରେ ଥିଲ। ପଦ୍ମପୋଖରୀକୁ ପଳାଇ ଆସ। ମିଳିମିଶି ତିର୍ତ୍ତୋଲ ଆଉ ରାଜ୍ୟର ବିକାଶ କରିବା। ବାସ୍, ରାତି ଅଧରେ ମୋଦି-ମୋହନଙ୍କୁ ସ୍ୱପ୍ନରେ ଦେଖି ତାଙ୍କର ଦହିହାଣ୍ଡି ଚହଲିଗଲା। ନବୀନ ନିବାସରେ ସିନା ଶୋଇଲେ, ହେଲେ ସାରା ରାତି ଦିଲ୍ଲୀପ ରାୟଙ୍କ କଥା ଭାବିଲେ। ବାସ୍ ଶେଷରେ ତାଙ୍କୁ ହିଁ ଭୋଟ୍ ଦେଲେ ।

# ବିଜେପି ଯିବେ ଦେବୀ ଓ ସୌଭିକ !






ଦେବୀ ଓ ସୌଭିକ, ନବୀନଙ୍କୁ ଝଟକା ଦେବାପରେ ବିଜେଡ଼ି ତାଙ୍କୁ ଆକ୍ରମଣ କରିବା ଆରମ୍ଭ କରିଦେଇଛି । ସେମାନେ ଦଳରୁ ବିଦା ହେବା ଥୟ । କିନ୍ତୁ କ୍ଷତି କ'ଣ? କିଛି ନାହିଁ। ଉଭୟ ଦେବୀ ଓ ସୌଭିକଙ୍କର ବାପାଙ୍କ କରୁଣାରୁ ଭୋଟ୍ ବ୍ୟାଙ୍କ ରହିଛି । ଖାଲି ଦଳୀୟ ଭୋଟ ମିଶିଗଲେ ଜିତିବା ପକ୍କା। ଏବେ ବିଜେଡ଼ିରେ ଥିଲେ, ଆଗକୁ ବିଜେପିକୁ ଯିବେ। ବାଙ୍କୀରେ ଏମିତିବି ବିଜେପି ଖାତା ଖୋଲିପାରିନି। ସେପଟେ ବାଙ୍କୀର ଦୁଇ ବିଜେପି ନେତା ତୁଷାରକାନ୍ତ ଚକ୍ରବର୍ତ୍ତୀ ଓ ଶୁଭ୍ରାଂଶୁ ଶେଖର ପାଢ଼ୀଙ୍କ ମଧ୍ୟରେ ଜୋରଦାର ଶୀତଳଯୁଦ୍ଧ ଚାଲିଛି । ତେଣୁ ଦେବୀଙ୍କୁ ଆଦରିବାରେ ବିଜେପି ଶୀର୍ଷ ନେତୃତ୍ୱ ଆଦୌ ଅମଙ୍ଗ ହେବେନି । କିଛି ନହେଲେ ଦିଲ୍ଲୀପ ରାୟ ବି ସେମାନଙ୍କ ପାଇଁ ବ୍ୟାଟିଂ କରିବା ଥୟ ।

ସେପଟେ ସୌଭିକ ଓ ପ୍ରଭାତ ବିଶ୍ୱାଳ ବହୁପୂର୍ବରୁ ବିଜେପି ସହ ଯୋଗସୂତ୍ରରେ ରହିଥିଲେ । କିନ୍ତୁ ବିଜେଡ଼ିର ସ୍ଥିତି ଭଲ ଥିବାରୁ ସେମାନେ ଶଙ୍ଖୁଆ ପାଲଟି ଯାଇଥିଲେ। କଟକ-ବାରବାଟୀରେ ବିଜେପି ପୂର୍ବାପେକ୍ଷା ବଢ଼ିଛି। ହେଲେ ନୟନ କିଶୋର ମହାନ୍ତି ୨୦୦୯ରୁ ଲଗାତର ହାରି ଚାଲିଛନ୍ତି। ଚାରିଥର ହାରିବା ପରେ ନୟନଙ୍କୁ ଆଉ ଟାଣୁଆ ନେତା ଭାବେ ଦଳ ଗଣୁନାହିଁ । ସୌଭିକ କିମ୍ବା ପ୍ରଭାତ ବିଜେପି ଟିକେଟରୁ ଲଢ଼ିଲେ ବି ଜିତିବା ପକ୍କା। ଅବଶ୍ୟ ଦେବୀ କିମ୍ବା ସୌଭିକ ଏବେ ବିଜେପିକୁ ଯିବାର ଚାନ୍ସ ନାହିଁ। କାହିଁକିନା ଦଳ ବଦଳ ଆଇନ ଅନୁସାରେ ସଭ୍ୟ ପଦ ରଦ୍ଦ ହୋଇଯିବ। ଦୁଇ ଯୁବନେତା ଏବେ ବିଜେପି ସହଯୋଗରେ ନିଜର ଭୋଟ୍ ବ୍ୟାଙ୍କ ବଢ଼ାଇବେ । ଅବଶ୍ୟ ରାଜନୀତିରେ ଆଜି କଥା କାଲିକୁ ନାହିଁ । ପ୍ରଭାତ ତ୍ରିପାଠୀ ଓ ପ୍ରଭାତ ବିଶ୍ୱାଳଙ୍କୁ ଦଳ ଅନେକ ବାର ନିଲମ୍ବନ କରି ପୁଣି କୋଳେଇ ନେଇଛି । ତେଣୁ ୨୦୨୯ ସ୍ଥିତି ଦେଖି ଦୁଇ ନେତା ଚିହ୍ନ ସ୍ଥିର କଲେ ଆଶ୍ଚର୍ଯ୍ୟ ହେବାର ନାହିଁ ।

# କଂଗ୍ରେସ ଘୋଡ଼ା... ଲଗାମଛଡ଼ା

ଜାତୀୟ କଂଗ୍ରେସର ହାଇକମାଣ୍ଡ ରାହୁଲ ଗାନ୍ଧୀଙ୍କ ଘୋଡ଼ା ଉପାଖ୍ୟାନ କଥା ସମସ୍ତେ ଅଳ୍ପେ ବହୁତ୍ ଜାଣନ୍ତି । ସଂସଦ ହେଉ କି ଦଳୀୟ ସଭା ସବୁଠାରେ ରାହୁଲ ଏହି ଘୋଡ଼ା ଗ ପ କହିଥାନ୍ତି । ରାହୁଲଙ୍କ ମତରେ କଂଗ୍ରେସରେ ଦୁଇ ପ୍ରକାର ଘୋଡ଼ା ଅଛନ୍ତି । ଯେମିତି କିଛି ଘୋଡ଼ା ରେସିଙ୍ଗ ପାଇଁ ସ୍ୱତନ୍ତ୍ର ତାଲିମ ନେଇ ବଡ଼ ପ୍ରତିଯୋଗିତାରେ ଭାଗ ନିଅନ୍ତି ଓ ଆଉ ଗୁ କିଛି ଘୋଡ଼ା ବାହାଘର ବେଳେ ଭଡ଼ାରେ ବରକୁ ପିଠିରେ ଲଦି କନ୍ୟା ଘରେ ପହନଚାଇଥାନ୍ତି। କଳ ବଳ କୌଶଳରେ ଏହି ଦୁଇ ପ୍ରଜାତି ପୁରା ପୁରି ବିପରୀତ । କଂଗ୍ରେସରେ ମଧ୍ୟ ଏହିପରି ରେସିଙ୍ଗ ଘୋଡ଼ା ଓ ବର ବୁହା ଘୋଡ଼ା ଅଛନ୍ତି । ଫରକ ଖାଲି ଏତିକି ଯେ କଂଗ୍ରେସ ରେସିଙ୍ଗ ଘୋଡ଼ାଙ୍କୁ ବର ବୁହା କାମରେ ଲଗାଉଛି ଆଉ ବର ବୁହା ଘୋଡ଼ାଙ୍କୁ ରେସିଙ୍ଗକୁ ପଠାଉଛି। ଫଳରେ ଦେଶର ସବୁଠାରୁ ପୁରୁଣା ରାଜନୈତିକ ଦଳର ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି। ହେଲେ ଓଡ଼ିଶା କଂଗ୍ରେସ କ୍ଷେତ୍ରରେ ଏହି ଦୁଇ ଘୋଡ଼ାଙ୍କ ବ୍ୟତୀତ ଆଉ ଗୋଟେ ତୃତୀୟ କିସମର ଘୋଡ଼ା ଏବେ ଦେଖିବାକୁ ମିଳିଲା । ଏମାନେ ରେସିଙ୍ଗ ଘୋଡ଼ା ପ୍ରଜାତିର କିନ୍ତୁ ରେସକୋର୍ସ ଦେଖିକି ଏମାନେ ବ୍ୟବହାର ପରିବର୍ତ୍ତନ କରିଦିଅନ୍ତି। ଯାହା ସଦ୍ୟ ସମାପ୍ତ ରାଜ୍ୟସଭା ନିର୍ବାଚନରେ ଦେଖିବାକୁ ମିଳିଲା। କାରଣ ରାଜ୍ୟର କଂଗ୍ରେସର ଯେଉଁ ୧୪ ବିଧାୟକ ଜିତିଛନ୍ତି, ତାଙ୍କ ପଛରେ ନା ଅଛି ଦଳ ଅର୍ଥବଳ ନା ସରକାରୀ କଳ। ସେମାନେ ନିଜ ଶିଙ୍ଗରେ ମାଟି ତାଡ଼ିଛନ୍ତି ବୋଲି କେହି ଅସ୍ୱୀକାର କରିପାରିବେନି। ୨୪ ନିର୍ବାଚନରେ ଗୋଟେ ପଟେ ୨୪ ବର୍ଷର ଲୋକପ୍ରିୟ ସରକାର ଆଉ ଗୋଟେ ପଟେ ବିଜେପି ଭଳି ଦଳର ଜୋରଦାର ପ୍ରଚାର। ତଥାପି ସେମାନେ ନିଜ କୌଶଳରେ ବୈତରଣୀ ପାର। କିନ୍ତୁ ରାଜ୍ୟସଭା ନିର୍ବାଚନ ପରି ରେସକୋର୍ସରେ ବେଳେ ପିସିସି ମୁଖିଆଙ୍କୁ ପାନେ ଦେବା ପାଇଁ ସିଧା ଟ୍ରାକ ବଦଳେଇଦେଲେ। ଅତ୍ୟାଚାର ହେଉ କିମ୍ବା ବ୍ୟକ୍ତିଗତ ଆକ୍ରୋଶ କଂଗ୍ରେସ ହାଇକମାଣ୍ଡଙ୍କ ନାକ କାଟିଦେଲେ ଏହି ରେସିଙ୍ଗ ଘୋଡ଼ା। ଏବେ ଏହି ତୃତୀୟ ପ୍ରଜାତିର ଲଗାମଛଡ଼ା ଘୋଡ଼ାଙ୍କୁ କଂଗ୍ରେସ କେମିତି କାବୁ କରିବ ତାହା ଦେଖିବାକୁ ବାକି ରହିଲା ।



Printed & Published by BALARAM RANASINGH on behalf of BALARAM RANASINGH, Printed at Mayur Offset Printers Plot No D 1/1, Sec-A, Zone-D, Mancheswar Industrial Estate Bhubaneswar-751010, Khordha, Odisha and published at AT- MANITRI, PO- GARHMANATIR, BEGUNIA, DIST-KHORDHA, ODISHA, e-mail: garvitodia@gmail.com, +91-9040988908

Editor: BALARAM RANASINGH

Bureau Head: BHABANI PRASAD DAS